


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୪୨ ● ୧୩ ମାର୍ଚ୍ଚ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-42 ● 13th March 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଦେଶରେ ଇନ୍ଧନର ଅଭାବ ନାହିଁ

**ନୂଆଦିଲ୍ଲୀ, ୧୨ ।୩**

ଦେଶରେ ଦେଖା ଦେଇଥିବା ଏଲପିଜି ସଙ୍କଟ ମଧ୍ୟରେ ବଡ ଆଶ୍ୱସନା ଦେଇଛନ୍ତି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ। ଗୁରୁବାର ମନ୍ତ୍ରୀ କହିଛନ୍ତି ଯେ ଦେଶରେ କୌଣସି ଇନ୍ଧନର ଅଭାବ ନାହିଁ। ଭାରତରେ ପର୍ଯ୍ୟାପ୍ତ ଅଶୋଧିତ ତୈଳ ଅଛି। ଭାରତର ଅଶୋଧିତ ଯୋଗାଣ ସ୍ଥିତି ସୁରକ୍ଷିତ ବୋଲି ଦାବି କରି ମନ୍ତ୍ରୀ ଲୋକଙ୍କୁ ଗୁଜବ ପ୍ରଚାର ନକରିବା ଏବଂ ମିଥ୍ୟା କାହାଣୀ ସୃଷ୍ଟି କରିବାରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ଆଧୁନିକ ଶକ୍ତି ଇତିହାସରେ ବିଶ୍ୱ ଏପରି ମୁହୂର୍ତ୍ତର ସମ୍ମୁଖୀନ ହୋଇନାହିଁ। ଭାରତର ଅଶୋଧିତ ତୈଳ ଯୋଗାଣ ସ୍ଥିତି ସୁରକ୍ଷିତ। ହରମୁଜ୍ ପ୍ରଣାଳୀ ମାଧ୍ୟମରେ ଯେତିକି ମିଳିଥାନ୍ତା ତାହାଠାରୁ ଅଧିକ ଇନ୍ଧନ ଅଛି। ସଙ୍କଟ ପୂର୍ବରୁ ଭାରତର ପ୍ରାୟ ୪୫% ଅଶୋଧିତ ତୈଳ ଆମଦାନୀ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହେଉଥିଲା। ପ୍ରଧାନମନ୍ତ୍ରୀଙ୍କ ଉଲ୍ଲେଖନୀୟ କୂଟନୈତିକ ଯୋଗାଯୋଗ ଏବଂ ସଦିଚ୍ଛା ପାଇଁ ଭାରତ ଅଶୋଧିତ ତୈଳ ପରିମାଣ ସୁରକ୍ଷିତ କରିଛି। ଏହି ବିପର୍ଯ୍ୟସ୍ତ ସମୟରେ ହରମୁଜ୍ ପ୍ରଣାଳୀ ପ୍ରଦାନ କରିପାରିଥାନ୍ତା ତାହାଠାରୁ ଅଧିକ ଇନ୍ଧନ ସୁରକ୍ଷିତ ଅଛି ବୋଲି ମନ୍ତ୍ରୀ କହିଛନ୍ତି। ମଧ୍ୟପ୍ରାଚ୍ୟରେ ୧୨ ଦିନରୁ ଊର୍ଦ୍ଧ୍ୱ କାଳ ହେବ ଯୁଦ୍ଧ ଲାଗିରହିଥିବା କାରଣରୁ ଦେଶରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ତେବେ କେନ୍ଦ୍ର ସରକାର ଏହାର ମୁକାବିଲା ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି।



## ଯଥେଷ୍ଟ ଗ୍ୟାସ୍ ଅଛି, ଆତଙ୍କିତ ହୁଅନି

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍ ପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ (ଏଲ୍.ପି. ଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏଥି ନେଇ ଚିନ୍ତିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଏଲ୍.ପି.ଜି ବିତରକ ଓ ରିଟେଲ୍ ଆଉଟ୍‌ଲେଟକୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ (ପୃଷ୍ଠା ୭ରେ)

### ବିଧାନସଭାରେ ଗ୍ୟାସ୍ ତାତି : ହଟ୍ଟଗୋଳ, ନାରାବାଜି ଜାରି ରହିବାରୁ

# ହୋଇପାରିଲାନି ପ୍ରଶ୍ନୋତ୍ତର, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ବିରୋଧୀ ଦଳର ନାରାବାଜି ଏବଂ ହଟ୍ଟଗୋଳ ଜନିତ ଅଚଳାବସ୍ଥା କାରଣରୁ ଗୁରୁବାର ବିଧାନସଭାରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରି ନଥିଲା। ଅଚଳାବସ୍ଥା ଏଡ଼ାଇବା ପାଇଁ ବାଚସ୍ପତି ସୁରମା ପାଢୀ ବୈଠକକୁ ପ୍ରଥମାର୍ଦ୍ଧରେ ୩ ଥରରେ ଅପରାହ୍ନ ୪ଟା ଯାଏ ମୁଲତବୀ କରିଥିଲେ।



ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତରରୁ ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାଜ୍ୟରେ ରନ୍ଧନ ଗ୍ୟାସର ଘୋର ଅଭାବ ନେଇ ପ୍ରଶ୍ନୋତ୍ତର କାଳ ଆରମ୍ଭରୁ ବିରୋଧୀ ଦଳର ବିଧାୟକମାନେ ଦୃଢ ପ୍ରତିବାଦ ସ୍ୱର ଉଠାଇଥିଲେ। ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ନିଜ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିବା ବେଳେ ଅନ୍ୟତମ ବିରୋଧୀ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଉଚ୍ଚସ୍ୱରରେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଚଳାଇବା ସହ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ। କଂଗ୍ରେସ ବିଧାୟକମାନେ 'ଡବଲ ଇଞ୍ଜିନ ସରକାର ହାଏ ହାଏ, ଡବଲ ଧୋକ୍କା ଚଳିବ ନାହିଁ' ଧ୍ୱନି ଦେଇ ଗୃହକୁ ପ୍ରକମ୍ପିତ କରିଥିଲେ। ତେବେ ବାଚସ୍ପତି ଗୃହର ସୁପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିରୋଧୀ ଦଳର ବିଧାୟକମାନେ ସହଯୋଗ କରନ୍ତୁ ଏବଂ ନିଜ ନିଜ ଆସନକୁ ଫେରିଯାଆନ୍ତୁ ବୋଲି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡ଼ିନଥିଲା। ହଟ୍ଟଗୋଳ ନାରାବାଜି ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇ ରଖିବାକୁ ଚାହିଁଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ। ବିରୋଧୀଙ୍କ ନାରାବାଜି ଜୋର ଧରିବାରୁ ମାତ୍ର ୧୦ ମିନିଟ୍ ପରେ ଅର୍ଥାତ୍ ୧୦ଟା (ପୃଷ୍ଠା ୭ରେ)

## ଦୁଇ ତୈଳ ଟ୍ୟାଙ୍କର୍ ଉପରେ ଇରାନର ଆକ୍ରମଣ: ଜଣେ ଭାରତୀୟ ନିହତ

**ନୂଆଦିଲ୍ଲୀ, ୧୨ ।୩**

ଇରାକ ଉପକୂଳରେ ବୁଧବାର ରାତିରେ ଇରାନ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ୍ କରିବା ପରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। ଚାଲିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଏକ ଲିଟର ତେଲ ମଧ ଯିବାକୁ ଦିଆଯିବ ନାହିଁ (ପୃଷ୍ଠା ୭ରେ)

## କୃଷି ନୀତି ଓ ନେତୃତ୍ୱରେ ମହିଳାଙ୍କ ଭାଗିଦାରୀ ବଢୁ

**ନୂଆଦିଲ୍ଲୀ, ୧୨ ।୩**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ନୀତି ନିର୍ମାଣ, ନିଷ୍ପତ୍ତି ଗ୍ରହଣ ଓ ନେତୃତ୍ୱ ପଦବୀରେ ସେମାନଙ୍କୁ ଅଧିକ ସୁଯୋଗ ମିଳିବା ଉଚିତ। ମହିଳାମାନଙ୍କର ବ୍ୟାପକ ଭାଗିଦାରୀ କୃଷି କ୍ଷେତ୍ରରେ ଲିଙ୍ଗ ସମାବେଶୀ ଉନ୍ନତିକୁ ବଢ଼ାଇବ।

ରାଷ୍ଟ୍ରପତି ଗୁରୁବାର ଏଠାରେ "ଗ୍ଲୋବାଲ କନଫରେନ୍ସ ଅନ ଦ ରୋଲ ଅଫ୍ ୱିମେନ୍ ଇନ୍ ଏଗ୍ରି-ଫୁଡ୍ ସିଷ୍ଟମ୍ସ (ଜିସିଡବ୍ଲୁଏଏସ-୨୦୨୬)" ର ଉଦ୍‌ଘାଟନ ଅଧିବେଶନକୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ମହିଳାମାନେ ରୋପଣ, ଅମଳ, ପ୍ରସ୍ତୁତିକରଣ ଓ ଫସଲକୁ ବଜାରକୁ ପହଞ୍ଚାଇବା ସହିତ କୃଷିର ପ୍ରାୟ ସମସ୍ତ କାର୍ଯ୍ୟରେ ମୁଖ୍ୟ ଭୂମିକା ନିଅନ୍ତି। ଏହା ସହିତ ସେମାନେ ମତ୍ସ୍ୟଚାଷ, ମଧୁମକ୍ଷୀ ପାଳନ, ପଶୁପାଳନ, ବନଜାତ ପଦାର୍ଥର ବ୍ୟବହାର ଓ କୃଷି ଆଧାରିତ ଉଦ୍ୟମ ଚାଳନାରେ ମଧ ଲଗାତାର ଅବଦାନ ଦେଉଛନ୍ତି। ମହିଳାମାନେ କୃଷି ଅର୍ଥନୀତିକୁ ଶକ୍ତିଶାଳୀ କରିବାରେ ଅମୂଲ୍ୟ ଅବଦାନ ଦେଇଥାନ୍ତି। ସେ କହିଛନ୍ତି ଯେ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟମାନଙ୍କରେ (ପୃଷ୍ଠା ୭ରେ)



## ନିୟମିତ ହେଲା ଭୁବନେଶ୍ୱର-ଧାନବାଦ୍ ଏବଂ ପୁରୀ-ପାଟନା ସ୍ୱତନ୍ତ୍ର ରେଳସେବା

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ଓଡିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଓଡିଶା ସହିତ ଆସାମ ଓ ତେଲେଙ୍ଗାନାକୁ ସଂଯୋଗ କରିବା ପାଇଁ ଏକ ନୂଆ ଅମୃତ ଭାରତ ଟ୍ରେନ ସେବା ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି। ଏହା ସହିତ ଦୁଇଟି ସ୍ୱତନ୍ତ୍ର ରେଳସେବାକୁ ନିୟମିତ ରେଳସେବାରେ ପରିଣତ କରିବା ପାଇଁ ମଧ ଅନୁମୋଦନ ଦିଆଯାଇଛି।

ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଓଡିଶାର ଜନସାଧାରଣଙ୍କ ପାଇଁ ଅଧିକ ରେଳସେବା ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



ସୂଚନା ଯୋଗ୍ୟ ଯେ, ଏକ ନୂତନ ଅମୃତ ଭାରତ ଟ୍ରେନ୍ ଆସାମର କାମାକ୍ଷା ଏବଂ ତେଲେଙ୍ଗାନାର ଚାରଲାପାଲି (ସିକନ୍ଦରାବାଦ) ମଧ୍ୟରେ ଚାଲିବ। ଏହା ଓଡିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଏବଂ ବ୍ରହ୍ମପୁର ଦେଇଯିବ।

ଉଲ୍ଲେଖନୀୟ ଯେ, ୧୮୪୦୩/ ୧୮୪୦୪ ଭୁବନେଶ୍ୱର - ଧାନବାଦ୍ ସ୍ପେଶାଲ୍ ଟ୍ରେନ୍ ଧାନବାଦ୍ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ରାମେଶ୍ୱରମର ଦୁଇ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା।
- କାଲିଫର୍ଣ୍ଣିଆ ଉପରେ ଇରାନ କରିପାରେ ଡ୍ରୋନ ହମ୍‌ଲା, ଆଲର୍ଟ କଲା ଏଫବିଆଇ।
- ଶିକ୍ଷା ବିଭାଗର ବଡ଼ ସିଦ୍ଧାନ୍ତ, ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ସୁବିଧା।
- ରାସ୍ତା ସୁରକ୍ଷା ଉପରେ ବିଶେଷ ଅଭିଯାନ, ନିୟମ ଭଙ୍ଗ କଲେ କଠୋର କାର୍ଯ୍ୟାନୁଷ୍ଠାନ।
- ଚିକିତ୍ସା ସେବାକୁ ଆଧୁନିକ କରିବା ପାଇଁ ନୂଆ ପ୍ରୟାସ।
- ଗ୍ରାମ ଉନ୍ନତିପାଇଁ ବିଶେଷ ପ୍ରକଳ୍ପ ଆରମ୍ଭ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୨୨୨ (-୧୦୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୭୦ (-୧୦୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୧୬୭ (-୮୧)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୯୦ (-୧୦)

## ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ଆଇଏସ୍ ଅଫିସର ସ୍ତରରେ ଅଦଳବଦଳ ହୋଇଛି। ଅତିରିକ୍ତ ଏସଆରସି ମନୀଷ ଅଗ୍ରୱାଲ ସମବାୟ ସମିତି ରେଜିଷ୍ଟ୍ରାର ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି କ୍ଷୁଦ୍ର ଶିଳ୍ପ ନିଗମ ଏମ୍‌ଡି ହେଲେ ସ୍ମୃତିରଞ୍ଜନ ପ୍ରଧାନ। ସିଦ୍ଧାର୍ଥ ଦାସ ମତ୍ସ୍ୟ ସଂପଦ ନିର୍ଦ୍ଦେଶକ ନିଯୁକ୍ତି ପାଇଛନ୍ତି। ଟିଇ ଆଣ୍ଡ ଏସସିଇଆରଟିର ନିର୍ଦ୍ଦେଶକ ହେଲେ ମଧୁସ୍ମିତା ସାହୁ। ଉପମା କାଲୋଙ୍କୁ ଉତ୍ତରାଞ୍ଚଳ ଆରଡିସି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିଭଳି ଲିଲି କୁମାରୀ କୁଲୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ହୋଇଛନ୍ତି। ସୋମେଶ ଉପାଧ୍ୟାୟ ବୟନ ଓ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶକ, ପ୍ରଥମେଶ ଅରବିନ୍ଦ ରାଜସିରକେ ମାଲକାନଗିରି ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଏ .ଶଶ୍ୟା ରେଡୀ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ୍ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




### ଅନୁସୂଚିତ ଜାତି ଜନଜାତି ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ପାରିତ

## ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ୬୬୪୯ କୋଟିରୁ ଊର୍ଦ୍ଧ୍ୱ ବ୍ୟୟବରାଦ

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟ୍ ଗୁରୁବାର ବିଧାନସଭାରେ ପାରିତ ହୋଇଛି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ଉପସ୍ଥାପିତ ବଜେଟ୍ ଆଲୋଚନାରେ ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକମାନେ ଭାଗ ନେଇଥିଲେ। ଗୃହରେ ଏହି ବଜେଟ୍ ପାରିତ ହେବା ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବିଧାନସଭା ସ୍ଥିତ ତାଙ୍କ ପ୍ରକୋଷ୍ଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଶିକ୍ଷା, ଜୀବିକା ଓ ସାମାଜିକ ଉନ୍ନତିକୁ ଲକ୍ଷ୍ୟରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଛି।

ମନ୍ତ୍ରୀ କହିଛନ୍ତି, ଏହି ବର୍ଷ ବିଭାଗ ପାଇଁ ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ରହିଛି । ଗତ ବର୍ଷର ବଜେଟ ତୁଳନାରେ ଏହା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି । ବଜେଟରେ କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ୩୬୧୦ କୋଟି ଟଙ୍କା ରାଜ୍ୟ ସ୍ତରୀୟ ଯୋଜନା, ୧୯୦ କୋଟି ଟଙ୍କା କେନ୍ଦ୍ରସ୍ତରୀୟ ଯୋଜନା ଓ ୧୬୦୦ କୋଟି ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବରାଦ କରାଯାଇଛି । ଏହି ଯୋଜନାଗୁଡ଼ିକ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ (ପୃଷ୍ଠା ୭ରେ)

## ୧୦୮ ନକ୍ସଲ ମୁଖ୍ୟସ୍ରୋତରେ ସାମିଲ

**ମାଲକାନଗିରି, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ନକ୍ସଲ ମୂଳପୋଛ ଟାର୍ଗେଟ ଯେତେ ପାଖେଇ ଆସୁଛି ସେତେ ନକ୍ସଲ ଜଙ୍ଗଲରୁ ବାହାରି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ସଂଗଠନର ଛାମୁଆ ନେତା ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ବେଳେ ଅନ୍ୟ ନକ୍ସଲମାନେ ମଧ ଜଙ୍ଗଲ ଛାଡିବାକୁ ଏକ ପ୍ରକାର ମନସ୍ଥ କରି ଆତ୍ମସମର୍ପଣ କଲେଣି। ଏହି କ୍ରମରେ ବସ୍ତରର ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ପୁନର୍ବାସରୁ ପୁନର୍ଜୀବିତ କାର୍ଯ୍ୟକ୍ରମରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ୧୦୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୪୪ ଜଣ ମହିଳା ନକ୍ସଲ ରହିଛନ୍ତି।

## ଏକାଳ ପଖାଳ




ସ୍କେଡୁଲୁ ଦେଖିକି ନୁଡୁଲୁ ଖାଇକି
କିରିକେଟ ପ୍ରେମୀ ଖୁସି
ଆଇପିଏଲ୍ ଆଉ କିଛି ଦିନ ବାକି
ଟିଭିଟାକୁ ଦେବେ ଶୋଷି
ଭାବନାରେ ଭାସି ଭାସି
ନିଜ ପସନ୍ଦର ଟିମ୍ ବିଷୟରେ
କହି ରାଗ ହସାହସି।

## ହର୍ମୁଜ୍ ପ୍ରଣାଳୀରୁ ମୁମ୍ବାଇ ପହଞ୍ଚିଲା ଭାରତୀୟ ତୈଳ ଟ୍ୟାଙ୍କର




**ନୂଆଦିଲ୍ଲୀ, ୧୨ ।୩**

୧୨ ଦିନରେ ପହଞ୍ଚିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ। ଏହାରି ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ସାଉଦି ଆରବରୁ ଏକ ଅଶୋଧିତ ତୈଳ ଜାହାଜ ସୁରକ୍ଷିତ ଭାବରେ ମୁମ୍ବାଇରେ ପହଞ୍ଚିଛି। ଏହା ବିପଜ୍ଜନକ ହର୍ମୁଜ୍ ପ୍ରଣାଳୀ ଦେଇ ଯାଇଛି। ଯୁଦ୍ଧ ଯୋଗୁଁ ଭାରତକୁ ଅଶୋଧିତ ତୈଳ ଯୋଗାଣର ଅଭାବ ବିଷୟରେ ଆଲୋଚନା ହୋଇଥିଲା। ଏହି ସମୟରେ, ଏହାକୁ ଏକ ବଡ଼ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି। ରିପୋର୍ଟ ଅନୁଯାୟୀ ତୈଳ ଟ୍ୟାଙ୍କର୍ ସେନଲଙ୍ଗ (ସୁଏଜମାକ୍ସ) ପ୍ରାୟ ୧୩୫, ୩୩୫ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ନେଇ ସାଉଦି ଆରବରୁ ପ୍ରସ୍ଥାନ କରିଥିଲା।

ଏହି ଜାହାଜଟି ଏଥେନ୍ସ-ଭିତ୍ତିକ କମ୍ପାନୀ ଡାଇନାକମ୍ ଟ୍ୟାଙ୍କର୍ସ ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ। ଲାଇବେରିଆନ-ପତାକାଯୁକ୍ତ ସେନଲଙ୍ଗ ସୁଏଜମାକ୍ସ ମାର୍ଚ୍ଚ ୧ ତାରିଖରେ ସାଉଦି ଆରବର ରାସ୍ ଟାନୁରା ବନ୍ଦରରୁ ଅଶୋଧିତ ତୈଳ ଲୋଡ୍ କରିଥିଲା ଏବଂ ଦୁଇ ଦିନ ପରେ ପ୍ରସ୍ଥାନ କରିଥିଲା। ଅନେକ ଦେଶର ଜାହାଜ ହର୍ମୁଜ୍ ପ୍ରଣାଳୀରେ ଫସି ରହିଛି। ଇରାନ ମଧ୍ୟ ଅନେକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ କରିଛି। ଇରାନ ଜଳପଥ ଦେଇ କାହାକୁ (ପୃଷ୍ଠା ୭ରେ)

## ପ୍ରଥମ ଥର ୪୦ ଡିଗ୍ରୀ ପାର କଲା ତାପମାତ୍ରା

**ଭୁବନେଶ୍ୱର, ୧୨ ।୩**
**ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ମାସ ଅଧା ନହେଉଣୁ ଓଡ଼ିଶାରେ କଲବଲ କଲାଣି ଗ୍ରୀଷ୍ମପ୍ରବାହ। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ପଶ୍ଚିମ ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ା ଏବେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଚଳିତ ସିଜନରେ ପ୍ରଥମ ଥର ପାଇଁ ରାଜ୍ୟର ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରହିଛି।



ସେହିପରି ସମ୍ବଲପୁର ଓ ସୁନ୍ଦରଗଡ଼ରେ ପାରଦ ୩୯ ଡିଗ୍ରୀ ଛୁଇଁଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୮.୬ ଡିଗ୍ରୀ ଏବଂ କଟକରେ ୩୫.୬ (ପୃଷ୍ଠା ୭ରେ)





# ଅଟୋ ଭଡ଼ା ଧାର୍ଯ୍ୟ କଲା ଜିଲ୍ଲା ପ୍ରଶାସନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଡୁଡୁମା କଲୋନୀରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ଯାତ୍ରୀ ପରିବହନରେ ବଡ଼ ପରିବର୍ତ୍ତନ ହୋଇଛି । ବିଶେଷ କରି ସହର ବାହାରୁ ଆସୁଥିବା ଲୋକମାନେ ଡୁଡୁମା କଲୋନୀରେ ବସ୍‌ରୁ ଓହ୍ଲାଇବା ପରେ ସହର ଭିତରେ ନିଜ ଗନ୍ତବ୍ୟସ୍ଥଳକୁ ଯିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାରଣ ସହର ଭିତରକୁ ବସ୍ ପ୍ରବେଶ ଉପରେ କଟକଣା ଜାରି ହୋଇଛି । ଅନ୍ୟପଟେ ଏହାର ସୁଯୋଗ ନେଇ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି ଅଟୋ ଚାଳକ । ଏଣୁ ଜିଲ୍ଲା ପ୍ରଶାସନ ତରଫରୁ ସେୟାରିଂ ଅଟୋ ଭଡ଼ା ଧାର୍ଯ୍ୟ କରାଯାଇଛି । ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ଧାର୍ଯ୍ୟ ଦର ଅନୁଯାୟୀ ଡୁଡୁମା କଲୋନୀରୁ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ଅଟୋ ଭଡ଼ା ୧୦ ଟଙ୍କା କରାଯାଇଛି । ସେହିଭଳି ହରିଡ଼ାଖଣ୍ଡି ଛକକୁ ୧୦ ଟଙ୍କା, ଡାକ୍ତରୀ ଛକକୁ ୧୦ ଟଙ୍କା, କର୍ପୋରେସନ୍ ରୋଡ୍ ଛକକୁ ୧୫ ଟଙ୍କା, ରେଲ୍ୱେ ଗ୍ୟାରେଜ୍ ଛକକୁ ୧୫ ଟଙ୍କା, ଗେଟ୍‌ବଜାର ଛକକୁ ୨୦ ଟଙ୍କା, ଲୋଚାପଡ଼ା ଛକକୁ ୨୫ ଟଙ୍କା, ସିଟି ହସ୍ପିଟାଲ୍ ଏବଂ ଷ୍ଟେଟ୍ ବ୍ୟାଙ୍କ୍ ଛକକୁ ୨୦ ଟଙ୍କା, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକକୁ ୨୫ ଟଙ୍କା, ଗାତାବେଲ୍ ଛକକୁ ୩୦ ଟଙ୍କା, କମାପଲ୍ଲୀ ଛକକୁ ୩୦ ଟଙ୍କା, କୋର୍ଟପେଟା ଛକକୁ ୩୫ ଟଙ୍କା ଏବଂ ମେଡ଼ିକାଲ୍‌କୁ ୩୫ ଟଙ୍କା ସହିତ ଇଞ୍ଜିନିୟରିଂ ସ୍କୁଲ ଛକକୁ ଭଡ଼ା ୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ଦର ଠାରୁ ଅଧିକ ଭଡ଼ା ଆଦାୟ କଲେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି । ଅପରପକ୍ଷେ ଏହାର ଭଡ଼ା ସଂଗ୍ରହ ଯାଞ୍ଚ ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ବିଭିନ୍ନ ସମୟରେ ଭଡ଼ା ଦର ସମ୍ପର୍କରେ ଯାଞ୍ଚ କରିବେ । ଯଦି କୌଣସି ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ କରାଯାଏ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ଠାରୁ ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଛି । ଏହାର ପ୍ରଭାବରେ ସହର ଭିତରକୁ ବସ୍ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ଅନ୍ୟପଟେ ସହର ଭିତରକୁ ଆସିବା ପାଇଁ ଯାତ୍ରୀ ଅଟୋ ଉପରେ ନିର୍ଭର କରୁଛନ୍ତି । ବିଶେଷ କରି ମେଡ଼ିକାଲ ଏବଂ ଷ୍ଟେସନ୍ ଯିବା ପାଇଁ ଯାତ୍ରୀମାନେ ଅଧିକ ମାତ୍ରାରେ ଅଟୋ ଉପରେ ନିର୍ଭର କରୁଛନ୍ତି । ତେବେ ଅଟୋ ଚାଳକଙ୍କ ଦ୍ୱାରା ଯାତ୍ରୀଙ୍କ ଠାରୁ ମାତ୍ରାଧିକ ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଷ୍ଟେସନ୍ ଯିବା ପାଇଁ ସେୟାରିଂ ଅଟୋରେ ୫୦ ଟଙ୍କା ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ତରଫରୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଲୋକସଭା ସଚିବାଳୟଙ୍କ ଉଦ୍ଦେଶ୍ୟରେ ବରଗଡ଼ ସାଂସଦଙ୍କ ପ୍ରସ୍ତାବ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ 'ବନ ଅଧିକାର ଅଧିନିୟମ, ୨୦୦୬'ର କାର୍ଯ୍ୟକାରିତା ସମ୍ପର୍କରେ ସାଂସଦ ପ୍ରଦୀପ ପୁରୋହିତଙ୍କ ଦ୍ୱାରା ଲୋକସଭା ସଚିବାଳୟଙ୍କୁ ଦିଆଯାଇଥିବା ଏକ ପ୍ରସ୍ତାବ । ଓଡ଼ିଶାରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀ ମାନଙ୍କ ସେମାନଙ୍କର ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ବ୍ୟକ୍ତିଗତ ବନ ଅଧିକାର ଏବଂ ଗୋଷ୍ଠୀଗତ ବନ ସମ୍ପଦ ଅଧିକାର ପାଇଁ ଦିଆଯାଇଥିବା ଆବେଦନ ଗୁଡ଼ିକର ସମାଧାନରେ ଅହେତୁକ ବିଳମ୍ବ ଓ ଅନିୟମିତତା ହେଉଥିବା ସାଂସଦ ପ୍ରଦୀପ ପୁରୋହିତ ଦର୍ଶାଇଛନ୍ତି । ଅନେକ ଆବେଦନ ବିନା କୌଣସି ଯଥାର୍ଥ କାରଣରେ ଖାରଜ କରି ଦିଆଯାଉଛି, ଯାହାଫଳରେ ବନବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ଏନେଇ ସରକାରଙ୍କ ନିକଟରେ ଦାବି କରିଛନ୍ତି ସାଂସଦ ପ୍ରଦୀପ ପୁରୋହିତ । ଜିଲ୍ଲା ଓ ବ୍ଲକ ଭିତିରେ କେତେ ଆବେଦନ ମଞ୍ଜୁର ହୋଇଛି, କେତେ ପଡ଼ିରହିଛି ଏବଂ କେତେ ଖାରଜ ହୋଇଛି, ତାହାର ସମ୍ପୂର୍ଣ୍ଣ ବିବରଣୀ ସଦନରେ ଉପସ୍ଥାପନ କରାଯାଉ । ପଡ଼ି ରହିଥିବା ମାମଲା ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଉ । ସେହିଭଳି ଗ୍ରାମସଭା ଓ ଜିଲ୍ଲା ସ୍ତରୀୟ କମିଟିଗୁଡ଼ିକୁ ଅଧିକ ଶକ୍ତିଶାଳୀ କରି ଏହି ଆଇନ୍‌ର ସ୍ୱଚ୍ଛ କାର୍ଯ୍ୟକାରିତା ନିଶ୍ଚିତ କରାଯାଉବୋଲି ଦାବି କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।



## ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ବୃଦ୍ଧାଙ୍କୁ ଭେଟିଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମର ଅସହାୟ ବୃଦ୍ଧା ଗାମା କହଁରଙ୍କ ଘର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ । କଟକ ଜିଲ୍ଲାରୁ ଆସି ସରସରା ନିଜ ଭାଇ ଘରେ ରହୁଥିବା ୬୦ ବର୍ଷୀୟା ବୃଦ୍ଧା ଗାମା ସରକାରଙ୍କ କୌଣସି ସରକାରୀ ଯୋଜନାର ହିତାଧିକାରୀ ହୋଇପାରିନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେଥିପାଇଁ ଜିଲ୍ଲାପାଳ ନିଜେ ଗାମା ରହୁଥିବା ତାଙ୍କ ଭାଇଙ୍କ ଘରେ ପହଞ୍ଚି ସ୍ଥିତି ଆକଳନ କରିଥିଲେ । ଅନ୍ତୋଦୟ ଗୃହ ଯୋଜନା, ଅନ୍ତୋଦୟ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଆୟୁଷ୍ମାନ୍ କାର୍ଡରେ ଗାମାଙ୍କୁ ହିତାଧିକାରୀ କରାଇବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ହରଭଙ୍ଗା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀମନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ ମନୋହର ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଆଜିଠୁ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

# ୩ଦିନ ଧରି ମୟୂରଭଞ୍ଜ ଜିଲ୍ଲା ପରିକ୍ରମା କରିବ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢ଼ା ବଳଙ୍ଗ, ଚିପଟ ଏବଂ ଇଚାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇଆସୁଥିବା ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଆସୁଥିବା ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ମାର୍ଚ୍ଚ ୧୩ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବ । ଏହି ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ୩ ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୁରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ । ମାର୍ଚ୍ଚ ୧୩ ତାରିଖ ପ୍ରଥମ ଦିନ ସକାଳ ୮ ଘଟିକା ସମୟରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଇଁସି ନାଚ, ସଂକୀର୍ତ୍ତନ, ଓଡିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସିବ । ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଏବଂ ଜ୍ୟୋତିରଥ କୁଳିଅଣା, କଳାବାଡିଆ, ଖରପୋଖରିଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଜୁଡ଼ିଆ ପର୍ଯ୍ୟନ୍ତ ଯିବ । ସେହିପରି ୧୪ ତାରିଖ ଦ୍ୱିତୀୟ ଦିନ ଜୁଡ଼ିଆରୁ ବାହାରି ଜାମଦା, ଗଡ଼ ରାଇରଙ୍ଗପୁର, ଭାଲୁବସା, ଜଶିପୁର, ଥାକୁରମୁଣ୍ଡା, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା ହୋଇ ଉଦଳାରେ ପହଞ୍ଚିବ ଏବଂ ୧୫ ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣଡ଼ା, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡ଼ା, ମୋରଡା, ବାଙ୍ଗରା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା ବାଲେଶ୍ୱର ଗୋଲେଇରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉ ପଡିଆ ନିକଟରେ ଜାଗରଣ ଯାତ୍ରା ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।



## ବାସହୀନ ମହିଳା ଘର ପାଇବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବାହାରପାଲୀ ସାହିଠାର ଅନୁସୂଚିତ ଜାତି ମହିଳା ଲାଲୀ ଦାସ ସ୍ୱାମୀ ଧର୍ମେନ୍ଦ୍ର ପାତ୍ରୀ ସେ ଜଣେ ବାସହୀନ ଗରିବ ଦିନ ମଜୁରିଆ ଅଟନ୍ତି । ବାସହୀନ ଯୋଗୁଁ ଅନ୍ୟ ଘରେ ଆଶ୍ରୟ ନେଇଥିବା ଜଣାଯାଇଛି । ତାଙ୍କର ଦୁଇଟି ଝିଅ, ତେଣୁ ସେ ବାସହୀନ ପରିବାର ହେତୁ ସରକାରୀ ଯୋଜନାରେ ବାସ ଗୃହ ପାଇବା ପାଇଁ ଦଳିତ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ସହଯୋଗରେ ରମ୍ଭା ରାଜସ୍ୱ ନିରୀକ୍ଷକ ଜରିଆରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ତେଣୁ ଅତିଶୀଘ୍ର ବାସହୀନ ଯୋଜନାରେ ବାସ ପାଇବା ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି । ସେହିଭଳି ରମ୍ଭା ଅଞ୍ଚଳବାସୀ ସମେତ ପାଖ ଅଞ୍ଚଳରେ ମଧ୍ୟ ଶତାଧିକ ପରିବାର ବାସହୀନ ରହିଛନ୍ତି । ତେଣୁ ଅତିଶୀଘ୍ର ବାସ ଯୋଗାଇଦେବା ପାଇଁ ପ୍ରଶାସନ ପାଖରେ ଭୀମସେନ ବେହେରା ଦାବି ଉପସ୍ଥାପନ କରିଛନ୍ତି । ଏହା ପୂର୍ବରୁ ରାଜସ୍ୱ ମନ୍ତ୍ରୀଙ୍କ ପାଖରେ ମଧ୍ୟ ଅବଗତ କରାଇଛନ୍ତି । ମନ୍ତ୍ରୀ ଏହାର ସଠିକ୍ ନିରୂପଣ କରି ବାସଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ଜଗତସିଂହପୁରରୁ ବରିଷ୍ଠନାଗରିକଙ୍କ ପୁରୀ ଅଭିମୁଖେ ଯାତ୍ରା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରୁ ୧୪୮ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କର ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ନିକଟରୁ ଓ.ଏସ୍.ଆର୍.ଟି.ସିର ୪ ଗୋଟି ଭୋଲଭୋ ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅମରେନ୍ଦ୍ର ଦାସ, ବିଧାୟକ, ସମ୍ମାନନୀୟ ଅତିଥି ଭାବେ, ଅର୍ଚ୍ଚନା ସିଂହ, ଅଧକ୍ଷା, ଜଗତସିଂହପୁର ପୌରପରିଷଦ ଏବଂ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ପ୍ରମୁଖ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ କୁଞ୍ଜ ବିହାରୀ ପ୍ରଧାନ, ତପନ କୁମାର ମହାନ୍ତି, ଚନ୍ଦନ କୁମାର ସ୍ୱାଇଁ ଓ ଗଣେଶ୍ୱର ଜେନା ଗସ୍ତ କରିଛନ୍ତି । ସକାଳେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମୀରାବାଈ ବେହେରା, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ସୁଦାମ ପ୍ରଧାନ, ଜିଲ୍ଲା ପରିଚାଳକ, ଓ.ଏସ୍.ଆର୍.ଟି.ସିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପୌର ପରିଷଦ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଟିଚୀ ତନୟା ମହାନ୍ତି, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## ସୂଚନା ଅଧିକାର ଅଧିନିୟମ-୨୦୦୫ କର୍ମଶାଳା

**ବାଲେଶ୍ୱର, ନ୍ୟୁଜ୍**

୧୦ଟା ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଅଧିନିୟମ -୨୦୦୫ ଉପରେ ଜିଲ୍ଲା ସ୍ତରୀୟ କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ସାଧାରଣ ସଭାର ଆୟୋଜନ ପୂର୍ବରୁ ବାଲେଶ୍ୱରର ବିଭିନ୍ନ କଲେଜରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସୂଚନା ଅଧିକାର ଅଧିନିୟମ ସମ୍ବନ୍ଧରେ ଉଭୟ ଓଡ଼ିଆ ଓ ଇଂରାଜୀରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ବକ୍ତୃତା ପ୍ରତିଯୋଗିତା ସରିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଅତିଥିମାନଙ୍କର ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ । ତାଙ୍କ ସହିତ ଭୁବନେଶ୍ୱରରୁ ଆସିଥିବା ତାଲିମ୍‌ଦାତା ରଶ୍ମିରଞ୍ଜନ ରାଉତ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ବରିଷ୍ଠ କବି ତଥା ସମାଜସେବୀ ପ୍ରଶାନ୍ତ ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୂଚନା ଅଧିକାର ଅଧିନିୟମର ଉଦ୍ଦେଶ୍ୟ, ଉପକାରିତା ଓ ଅପବ୍ୟବହାର ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ତାପରେ ସୂଚନା ଅଧିକାର ଅଧିନିୟମର ତାଲିମଦାତା ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ମୋଟ୍ ୧୧୯ ଜଣ ଅଧିକାରୀମାନଙ୍କୁ ସୂଚନା ଅଧିକାର ଅଧିନିୟମ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ । ଉଭୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ଆର୍ଥିକ ରାଶିରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଦ୍ଧାନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରଷିକାନ୍ତ ମହାନ୍ତ, ସତ୍ୟ ସାଗର ମଣ୍ଡଳ, ହରିଶଙ୍କର ପ୍ରଧାନ, ପୁରୁଷୋତ୍ତମ ସେଠୀ, କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବଲାଙ୍ଗୀରରେ 'ତହଁକ୍ ତିହାର୍' ଉଦ୍‌ଯାପିତ



**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କୌଶଳ କଳା ମଣ୍ଡଳ ପୁରୁଣା ମଞ୍ଚରେ ତହଁକ୍ ତିହାର ଅନୁଷ୍ଠିତ ହୋଇଯାଇଛି । ଗତ ୬, ୭ ଓ ୮ ତାରିଖ ତିନିଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ କୁରୁଲ ଉଚ୍ଚ ବିଦ୍ୟାଳୟରେ କୋସଲି ହକାବାଦି, ଦ୍ୱିତୀୟ ଦିନ ଆଲୋଚନା ଚକ୍ର ଓ ତୃତୀୟ ଦିନରେ ମହା ଆଡମ୍ବରରେ କଳାକାର ଏବଂ କବିଙ୍କ ସମାବେଶ ହୋଇଥିଲା । ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଦବକୀ ସେଠ, ମୁଖ୍ୟବକ୍ତା ସୁଶୀଲ ଗୁରୁ, ସମ୍ମାନିତ ଅତିଥି ସୁଷମା ବେହେରା, ଶାଶ୍ୱତ କୁମାର ତ୍ରିପାଠୀ, ସଞ୍ଜୟ କୁମାର ଗଡତିଆ, ହିମାଞ୍ଚଳ ମେହେର, ଲକ୍ଷ୍ମୀ ପଧାନ, ଜୟକୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ତମାସା ମହାପାତ୍ରଙ୍କ ଗୀତର ଯାଦୁରେ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ମ୍ୟୁନିସିପାଲିଟି ଅଧକ୍ଷା ଲୀକା ସାହୁ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରି, ବଲାଙ୍ଗୀର ବ୍ଲକ ଅଧକ୍ଷା ସରିତା ବାଗ, ଅଶୋକ କୁମାର ସାହୁ, ମାନସ ନନ୍ଦ, ଜ୍ୟୋତିପ୍ରକାଶ ସାହୁ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ତହଁକ ସମ୍ମାନରେ କବି ସୁଶାନ୍ତ ବାଗ, ଆଶୁତୋଷ ଠାକୁର, ରୀନା ସାହୁ, ଇଂ ରାଜକିଶୋର ଷଡଙ୍ଗୀ, ଶତ୍ରୁଘ୍ନ ବେହେରା, ବିମଲା ପଧାନ ଓ ଦେବାଳୟ ସୁରକ୍ଷା କମିଟି ବଲାଙ୍ଗୀର ସଭାପତି ଜୟକୃଷ୍ଣ ମିଶ୍ରଙ୍କୁ ତହଁକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବୌଦ୍ଧ, ସୋନପୁର, ବରଗଡ, ବଲାଙ୍ଗିରର ଶତାଧିକ କବି କଳାକାର ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅର୍ଜୁନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଶ୍ରିୟାକାନ୍ତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କବିତା ଆସର ଅଧିବେଶନ ଦିଲ୍ଲିପ କୁମାର ମିଶ୍ରଙ୍କ ଅଧକ୍ଷତାରେ ସସ୍ମିତା ମେହେର, ପ୍ରଭାସିନି ଭୋଇ, ଶୁଦେଷନା ମିଶ୍ର, ମାନସୀ ସାହୁ, ନିକିତା ସା, ଜ୍ୟୋତିରାଣୀ ମିଶ୍ର, ପୁଷ୍ପାଞ୍ଜଳି ମେହେର ସଂଯୋଜନା କରିଥିଲେ । ମିଲନ ପଣ୍ଡା, ଭାରତ ମେହେର, ରଘୁନାଥ ନନ୍ଦ, ସାଳିନୀ ସା, ଦେବବ୍ରତ ମିଶ୍ର, ଗୋପିନାଥ ଦଣ୍ଡସେନା, ଗୋପାଳ ମେହେର, ରାଜିବ ଭୋଇ, ଗରିବ ମଲ୍ଲିକ, ଗିରୀଶ ପାତ୍ର, ରାଜେଶ ଶର୍ମା, ଅଖୋଜ ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ




**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ସମ୍ବାଦ ସାହିତ୍ୟ ଘର ନିଶ୍ଚିନ୍ତ କୋଇଲି ଆନୁକୂଲ୍ୟରେ ନିଶ୍ଚିନ୍ତ କୋଇଲି ବଜାର ନିକଟସ୍ଥ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଫକୀର ଚରଣ ନାୟକ ସଭାପତିତ୍ୱ କରିଥିଲେ । ସଂଗଠନ ସମ୍ପାଦକ ପରିବେଶବିତ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନା କ୍ରମେ ମୁଖ୍ୟଅତିଥି ଭାବେ ଜେଏନ୍ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାଧ୍ୟାପକ ଡଃ ନିଖିଳେଶ ମହାନ୍ତି ଯୋଗଦେଇ ସମସ୍ତ ଓଡ଼ିଆ ପ୍ରାଣ ଓଡ଼ିଆ ଭାଷାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଯତ୍ନବାନ ହେବାକୁ ମତ ପ୍ରକାଶ କରିଥଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ଷଷ୍ଠ ଭାଷା ଭାବେ ଓଡ଼ିଆର ମାନ୍ୟତା ଅନୁସାରେ ଭାଷା ଓ ଭୂମିର ବନ୍ଦନା ସହ ଓଡ଼ିଆ ଭାଷାର ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତ ରଖିଥିଲେ । ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ପୂର୍ବସୁରୀ ମାନଙ୍କ ଅପୂର୍ବ ତ୍ୟାଗ ଓ ପ୍ରତିବଦ୍ଧତା ପାଇଁ ଆଜି ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ବଜାୟ ରହିଛି ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଦେବବ୍ରତ ପଣ୍ଡା, ଶିଶୁ କବି ପ୍ରଫୁଲ୍ଲ କୁମାର ସାହୁ, ପ୍ରକୃତିବନ୍ଧୁ ବଳରାମ ପାତ୍ର, କବି ପ୍ରଫୁଲ୍ଲ କୁମାର ସିଂହ, ପ୍ରାକ୍ତନ ପୋଲିସ ଅଧିକାରୀ କବି କୁଳମଣି ସାହୁ, ଅଧାପକ ପ୍ରଶାନ୍ତ କୁମାର ପଣ୍ଡା, ଅଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଉତ୍ଥାନ ନିମିତ୍ତ ବିଭିନ୍ନ ସକାରାତ୍ମକ ମତ ରଖିଥିଲେ । ପ୍ରାରମ୍ଭରେ ସବିତା ଶତପଥୀଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ କରାଯାଇ ଓଡ଼ିଆ ଭାଷାର ପୂଜନ କରାଯାଇଥିଲା । ଶେଷରେ ଦେବାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନଗଣନା ୨୦୨୭ ନିମନ୍ତେ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ

**କଟକ, ନ୍ୟୁଜ୍ ବ୍ୟୁରୋ**

୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ୍ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୩ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସଫଳତା ପୂର୍ବକ ପ୍ରଶିକ୍ଷଣ ସମ୍ପନ୍ନ କରିଥିବାରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ୯ ମାର୍ଚ୍ଚରୁ ୧୬ ମାର୍ଚ୍ଚ ପର୍ଯ୍ୟନ୍ତ ଦୁଇଟି ବ୍ୟାଚ୍‌ରେ ଆୟୋଜିତ ହେବାକୁଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ୍ ୬୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଛି । ଦୁଇ ଜଣ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ପ୍ରଥମଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣଭାବେ ଡିଜିଟିକରଣ ମାଧ୍ୟମରେ କରାଯାଉଛି । ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଳିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ୍ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

## କେମ ପକ୍ଷରୁ ଶିଳ୍ପୀ ଓ ସାହିତ୍ୟିକ ଅତୁଲ ବଳଙ୍କୁ ଶ୍ରଦ୍ଧାଞ୍ଜଳୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସଫଳ ପ୍ରଚ୍ଛଦ ଚିତ୍ରକାର ଓ କଥାକର ରୂପେ ପରିଚିତ ସ୍ୱର୍ଗତ ଅତୁଳ ବଳଙ୍କୁ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ କାର୍ଯ୍ୟକରୁଥିବା ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ଥାନୀୟ ମାଧପୁର ଠାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କେମର ସଭ୍ୟ ଓ ସଭ୍ୟା ସର୍ବଶ୍ରୀ ସଂଯୋଜକ ବଂଶୀଧର ମହାନ୍ତି, ସମ୍ପାଦକ ମହମ୍ମଦ ଜାହିଦ ଖାନ, ସହ ସଂଯୋଜିକା ଆମ୍ରିନ ସହାଦଦ, ସହ ସମ୍ପାଦକ ପ୍ରତାପ ସ୍ୱାଇଁ, ଗୌତମ କୁମାର ସାହୁ, ରୁଦ୍ର ନାୟକ, ଦିବାକର ରାଉତ, ସ୍ତମ୍ଭକାର କ୍ଷୀରୋଦ କର ଓ ଯୁବକବି ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଦିବଂଗତ ବଳଙ୍କ ସ୍ମୃତିଚାରଣ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମୃତିସଭାର ସଂଯୋଜକ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ସ୍ୱର୍ଗତ ଅତୁଳ ବଳଙ୍କ ଏହି ଅକାଳ ବିୟୋଗ କେବଳ ଓଡ଼ିଆ ସାହିତ୍ୟ ଓ ଚିତ୍ରଜଗତ ପାଇଁ ଅପୂରଣୀୟ କ୍ଷତି ନୁହେଁ ଅଧିକନ୍ତୁ, କେମ୍ ଦ୍ୱାରା ପ୍ରତିବର୍ଷ ଅନୁଷ୍ଠିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ଅବସରରେ ପ୍ରକାଶ ପାଉଥିବା 'କେନ୍ଦ୍ରାପଡ଼ା ପରିକ୍ରମା' ପତ୍ରିକା ତା'ର ମାର୍ଗଦର୍ଶକ ତଥା ଅନୁପମ ପ୍ରଚ୍ଛଦ ଶିଳ୍ପୀଙ୍କ ଯୋଗଦାନରୁ ବଞ୍ଚିତ ହେଲା ବୋଲି ମତବ୍ୟକ୍ତ କରିଥିଲେ ।




## କେନ୍ଦ୍ରାପଡ଼ା ଜିଲ୍ଲାର ଧାନ ସଂଗ୍ରହ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ୨୦୨୫–୨୬ ଖରିଫ ବର୍ଷର ଧାନ ସଂଗ୍ରହ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ମୋଟ୍ ୧୬,୧୨,୦୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିବା ବେଳେ ୧୨,୬୧,୪୭୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାର ୩୭,୩୧୯ ଜଣ ଚାଷୀ ଧାନ ବିକ୍ରୟ କରିସାରିଛନ୍ତି । ଏହି ବର୍ଷ ଜିଲ୍ଲାର ୧୧୮ଟି ସେବା ସମବାୟ ସମିତି ଅଧୀନରେ ୧୨୨ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି ଏବଂ ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଜିଲ୍ଲାର ୨୯ ଜଣ କଷ୍ଟମ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି । ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି ।

# ମାର୍ଚ୍ଚ ୧୭ରେ ପବିତ୍ର ବାରୁଣୀ ମେଳା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିରଜା ପଞ୍ଜିକା ଅନୁସାରେ ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୧୭ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ଅବସରରେ ଭକ୍ତମାନଙ୍କ ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଡିଂ, ଆଲୋକିକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାରୁଣୀ ମେଳା ପରିସରରେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ୍ୟ ରହିବ । ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ଟ୍ରାଫିକ୍ ନିୟନ୍ତ୍ରଣ ଓ ଯାନବାହାନ ପାର୍କିଂ ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ପୌର ପରିଷଦର ଅଧକ୍ଷା ରଞ୍ଜୁଲତା ହୋତା ଓ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କ ଠାରୁ ପଛରେ ଓଡ଼ିଶା

**କଟକ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ଠାରୁ ପଛରେ ପଡ଼ିଛି । ୨୦୨୪ ଜୁଲାଇ ପହିଲାରୁ ଏହି ନୂଆ ଆଇନ୍ ସାରା ଦେଶରେ ଲାଗୁ ହୋଇଥିବା ବେଳେ ଏହାର ସଫଳ ରୂପାୟନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତଳକୁ ଖସିବାରେ ଲାଗିଛି । ୨୦୨୫ ନଭେମ୍ବରରେ ଜାତୀୟ ରାଙ୍କିଙ୍ଗରେ ଓଡ଼ିଶା ୧୪ ନମ୍ବରରେ ଥିବାବେଳେ ଗତ ତିନି ମାସ ମଧ୍ୟରେ ୨୮ ସ୍ଥାନକୁ ଖସିଆସିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ୨୦୨୬ ଫେବୃୟାରୀରେ ଜାତୀୟ ହାରାହାରି ମାର୍କ ୬୦.୩୫ ତୁଳନାରେ ଓଡ଼ିଶା ୮ ପଏଣ୍ଟ ପଛରେ ରହିଛି । ତେବେ ଗୋଆ, ଆସାମ, ବିହାର ଓ ୟୁପି ଭଳି ରାଜ୍ୟ ଶୀର୍ଷରେ ଥିବାବେଳେ ମାତ୍ର ତିନି ମାସ ମଧ୍ୟରେ ଓଡ଼ିଶା ୧୪ ସ୍ଥାନରୁ ଉପରକୁ ଚଢ଼ିବା ବଦଳରେ ସିଧା ୧୪ ପାହାଚ ପଛକୁ ଖସି ୨୮ ସ୍ଥାନରେ ପହଞ୍ଚିଛି । ଆଇନ୍‌ର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ ପରୋକ୍ଷରେ ରାଜ୍ୟ ପୋଲିସର ଅପାରଗତାକୁ ପଦାରେ ପକାଇଛି । କେନ୍ଦ୍ର ଗୃହ ମନ୍ତ୍ରାଳୟ ଜାତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତାକୁ ୪ଟି କ୍ଷେତ୍ରରେ ବିଭକ୍ତ କରି ରାଜ୍ୟଗୁଡ଼ିକର ମାନଦଣ୍ଡ ନିର୍ଦ୍ଧାରଣ କରି ମାର୍କ ପ୍ରଦାନ କରିଛି । ପ୍ରଶାସନିକ ସଂସ୍କାର ପାଇଁ ୨୦%, କ୍ଷେତ୍ରସ୍ତରରେ କାର୍ଯ୍ୟଦକ୍ଷତା ପାଇଁ ୪୫%, ଜ୍ଞାନକୌଶଳ ବ୍ୟବହାର ପାଇଁ ୨୫% ଏବଂ ନ୍ୟାୟପାଳିକା ସମେତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ୧୦% ମାର୍କ ନିର୍ଦ୍ଧାରଣ କରାଯାଇଛି । ତେବେ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ଓଡ଼ିଶା ୨୦ରୁ ୨୦ ଓ ସମନ୍ୱୟ କ୍ଷେତ୍ରରେ ୧୦ରୁ ୧୦ ମାର୍କ ହାତେଇଛି । କ୍ଷେତ୍ର ସ୍ତରରେ କାର୍ଯ୍ୟଦକ୍ଷତା ଓ ଜ୍ଞାନକୌଶଳ ପ୍ରୟୋଗରେ ରାଜ୍ୟର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ । ରିପୋର୍ଟ ମୁତାବକ କ୍ଷେତ୍ରସ୍ତରରେ କାର୍ଯ୍ୟଦକ୍ଷତାରେ ୪୫ରୁ ଓଡ଼ିଶା ମାତ୍ର ୧୮.୫୬ ମାର୍କ ପାଇଛି । ହେଲେ ଗୋଆ, ଆସାମ, ରାଜସ୍ଥାନ, ମହାରାଷ୍ଟ୍ର, ବିହାର, ଗୁଜରାଟ ଭଳି ରାଜ୍ୟ ୨୫ ମାର୍କରୁ ଅଧିକ ପାଇଛନ୍ତି । ସେହିପରି ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କ୍ଷେତ୍ରରେ ଓଡ଼ିଶା ୨୫ ମାର୍କରୁ ମାତ୍ର ୪.୧୬ ମାର୍କ ପାଇଛି । ପଶ୍ଚିମବଙ୍ଗ, ନାଗାଲାଣ୍ଡ, ମିଜୋରାମକୁ ଛାଡ଼ିଦେଲେ ବାକି ସମସ୍ତ ରାଜ୍ୟର ପ୍ରଦର୍ଶନ ଓଡ଼ିଶା ଠାରୁ ଉନ୍ନତ । ଏମିତିକି ଆସାମ ୧୬.୧୪ ଓ ହରିୟାଣା ୧୫.୩୫ ମାର୍କ ରଖିଛନ୍ତି । ଜାତୀୟ ହାରାହାରି ମାର୍କ ୧୩.୪୨ ପ୍ରତିଶତ ରହିଥିବାବେଳେ ଓଡ଼ିଶା ୩ ଭାଗରୁ ଭାଗେ ପାଇନାହିଁ । ଅନ୍ୟପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ପୋଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ୪ କୋଟି ଟଙ୍କା ବ୍ୟୟରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଗୃହମନ୍ତ୍ରୀ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ବୁଲିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ କେନ୍ଦ୍ର ଗୃହମନ୍ତ୍ରୀ ପ୍ରଦର୍ଶନୀସ୍ଥଳକୁ ଆସିଲେ ନାହିଁ । ଅନ୍ୟପଟେ ପୋଲିସ ଡିଜି ଓ୍ୱାଇବି ଖୁରାନିଆ କହିଛନ୍ତି ଯେ ବର୍ତ୍ତମାନ ଆମ ସ୍ଥାନ ୨୪ରେ ରହିଛି । ଦୁଇଟି କାରଣ ଯୋଗୁଁ ଆମେ ପଛରେ ରହିଛୁ । ପ୍ରଥମ କାରଣଟି ହେଲା ମେଡିକାଲ୍ ଓ ଥାନା ମଧ୍ୟରେ ଇ-ତଥ୍ୟ ଆଦାନପ୍ରଦାନରେ ସମସ୍ୟା ରହିଛି । ବ୍ୟବଚ୍ଛେଦ ରିପୋର୍ଟ ହେଉ କି ଅନ୍ୟ ତଥ୍ୟକୁ ଆପ୍ ମାଧ୍ୟମରେ ତଦନ୍ତକାରୀ ଅଧିକାରୀ ସିଧାସଳଖ ପାଇବେ । ଏହା ଉପରେ କାର୍ଯ୍ୟ ଚାଲିଛି । ଆଉ ମାସକ ମଧ୍ୟରେ ଏହା ଶେଷ ହେବ । ସେହିପରି ନ୍ୟାୟପାଳିକା ସହ ଥାନା ମଧ୍ୟରେ ଭିଡିଓ କନ୍‌ଫରେନ୍‌ସିଂ ବ୍ୟବସ୍ଥାରେ ମଧ୍ୟ ଆମେ ପଛରେ ରହିଛୁ । ଏହା ଉପରେ ପଦକ୍ଷେପ ନିଆଯାଇଛି । ଆସନ୍ତା ୨-୩ ମାସ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ । ଏହି ଦୁଇଟି କ୍ଷେତ୍ରରେ ଆମେ ପୂର୍ଣ୍ଣକ୍ଷମ ହେବା ପରେ ଆମ ରାଙ୍କ ଅନ୍ୟ ରାଜ୍ୟ ଠାରୁ ଆଗରେ ରହିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।





# ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କୁ ୨୫୭ ଲକ୍ଷ ଟଙ୍କାର ଋଣ ପ୍ରଦାନ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ କଚେରୀ ଖେଳପଡିଆ ଠାରେ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚ୍ନ୍ଦ୍ର ଦଣ୍ଡସନା, ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚ୍ନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ତହସିଲଦାର ହରଭଙ୍ଗା ବଳଦେବ ବେହେରା, ଡିପିସି, ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ, ସମସ୍ତ ସିଡିପିଓ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଡନ ବସ୍କୋ, ସମସ୍ତ ବ୍ୟାଙ୍କ ମ୍ୟାନେଜର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସୁଭଦ୍ରା ମାଆମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ୱୟଂ ଡ୍ୟାନ୍ସ ଏକାଡେମୀ, ମନମୁଣ୍ଡା, ବ୍ଲକ କଳା ସାଂସ୍କୃତିକ ସଂଘ, କନ୍ଧମାଳ, ସତ୍ୟଜିତ ପ୍ରଧାନ ମେଲୋଡି ଟିମ୍‌ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ସୁଭଦ୍ରା ମାଆମାନଙ୍କ ମଧ୍ୟରୁ କନ୍ଧମାଳ ବ୍ଲକର ଜ୍ୟୋତ୍ସ୍ନାମୟୀ ବିଶି, ବିଷ୍ଣୁପ୍ରିୟା ଶର୍ମା, ବାସନ୍ତୀ ମିଶ୍ର, ହାଲିମା ବିବି ଏବଂ ସବିତା ବେହେରା ନିଜ ନିଜ ଅନୁଭୂତି ବଖାଣି ଥିଲେ ଏବଂ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବୁଟୁପାଲି ଜହ୍ନାପଙ୍କ, ପଲସାଗୋରା ଏବଂ କନ୍ଧମାଳ ୟୁନିଅନ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ୟୁକୋ ବ୍ୟାଙ୍କ, ପଞ୍ଜାବ ନେସନାଲ ବ୍ୟାଙ୍କ ଆଦି ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ (ସର୍ବମୋଟ୍ ୨୫୭ ଲକ୍ଷ) ଟଙ୍କାର ଚେକ୍ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚ୍ଳାଳକ ଏବଂ ଅତିଥିମାନେ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଧୁଚ୍ରଣ ଉଚ୍ଚ ମାଧମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବକିଶୋର ଦୀପ, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସାହୁ ଏବଂ ଶୁଭଲକ୍ଷ୍ମୀ ମୁଦୁଲି ପରିଚ୍ଳାଳନା କରିଥିଲେ ।



# ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୪ଲକ୍ଷରୁ ଉର୍ଦ୍ଧ୍ୱ ଆୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଜୀଉଙ୍କ ଜଗମୋହନ ମନ୍ଦିରରେ ସ୍ଥାପିତ ହୁଣ୍ଡିକୁ ଟ୍ରଷ୍ଟବୋର୍ଡ ସଭ୍ୟ ଧୀରେନ୍ କୁମାର ସାହୁ ଓ ନୃସିଂହ ପ୍ରସାଦ ପତ୍ରି ଏବଂ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତିଙ୍କ ଉପସ୍ଥିତିରେ ଖୋଲାଯାଇ ଦେବୋତ୍ତର କାର୍ଯ୍ୟାଳୟରେ ଗଣତି କରାଯାଇ ମୋଟ୍ ୪ ଲକ୍ଷ ୪୫ ହଜାର ୧୯୦ ଟଙ୍କା ଆୟ କରାଯାଇଛି । ଉକ୍ତ ଗଣତି କାର୍ଯ୍ୟରେ ଦେବୋତ୍ତର ସଂସ୍ଥା କର୍ମଚାରୀ ଶରତ ଚନ୍ଦ୍ର ପାତ୍ର ଓଗେର ଅବସରପ୍ରାପ୍ତ ପୌର କର୍ମଚାରୀ ପତିତପାବନ ଲେଙ୍କା ଏବଂ ନାରଣ ପ୍ରସାଦ ଜେନା ସହାୟତା କରିଥିଲେ ।

# ନନ୍ଦନ କାନନରେ ନୂଆ ଅତିଥି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନନ୍ଦନ କାନନରେ ନୂଆ ଅତିଥି । ନନ୍ଦନ କାନନ ପ୍ରାଣୀ ଉଦ୍ୟାନ ଏବଂ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ପଶୁ ବିନିମୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀରେ ହେଲେ ଅଦଳବଦଳ ଓ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ, ନୂଆଦିଲ୍ଲୀର ଅନୁମୋଦନ ପରେ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଭୁବନେଶ୍ୱର ଏବଂ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ, ବିଶାଖାପାଟଣା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଶୁ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଇଜିଭେଡପିର ଏକ ଦଳ ଲଜିଷ୍ଟିକ୍ସ ସମନ୍ୱୟ ପାଇଁ ୬ ମାର୍ଚ୍ଚ ୨୦୨୬ରେ ନନ୍ଦନ କାନନରେ ପହଞ୍ଚିଥିଲା । ଅନୁମୋଦିତ ପ୍ରାଣୀମାନଙ୍କର ସ୍ଥାନାନ୍ତର ୭ ମାର୍ଚ୍ଚ ୨୦୨୬ରେ କରାଯାଇଥିଲା । ତା'ପରେ ୧୦ ମାର୍ଚ୍ଚ ୨୦୨୬ରେ ଆଇଜିଭେଡପିରୁ ପଶୁ ଅଧିଗ୍ରହଣ କରାଯାଇଥିଲା । ଯେଉଁଥିରେ ଉଭୟ ଚିଡ଼ିଆଖାନାର ଦଳ ପ୍ରାଣୀଙ୍କ ସୁରକ୍ଷିତ ପରିବହନ ସୁନିଶ୍ଚିତ କରିଥିଲେ । ଆଇଜିଭେଡପି ନନ୍ଦନକାନନରୁ ସ୍ୱାମ୍ପ ହରିଣ (୧:୨), ଚାରି-ଶିଂଗଯୁକ୍ତ ମୃଗ (୧:୨), ଆସାମୀ ମାକାକ୍ (୧:୧), ମୂଷା ହରିଣ (୨:୨) ଏବଂ ଘରିଆଲ୍ (୧:୨) ପାଇବ । ପ୍ରତିବଦଳରେ, ଆଇଜିଭେଡପିରୁ, ନନ୍ଦନକାନନ ରିଙ୍ଗ-ଟେଲଡ୍ ଲେମୁର୍ (୧:୧), ଜଙ୍ଗଲୀ କୁକୁର (୧:୧), ସଲଫର-କ୍ରେଷ୍ଟ୍ କକାଟୁ (୧:୦), ବୋନେଟ୍ ମାକାକ୍ (୨:୨) ଏବଂ ନୀଳଗାଈ (୧:୧) ପାଇଲା । ଯଦିଓ ଏହି ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ, ନନ୍ଦନକାନନ ରିଙ୍ଗ ଟେଲଡ୍ ଲେମୁର୍ ଯୋଡିବା ସହିତ ଏହାର ପ୍ରାଣୀ ସଂଗ୍ରହକୁ ୧୭୮ ପ୍ରଜାତିକୁ ବିସ୍ତାର ହୋଇଛି ।



# ଚାଷୀଙ୍କ ହକ୍ ପାଇଁ ଭୁବନେଶ୍ୱର ପଦଯାତ୍ରା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ନବନିର୍ମାଣ କୃଷକ ସଂଗଠନର 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ' ମାର୍ଚ୍ଚ ୨୨ରୁ ୩୧ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚାଷୀକୂଳର ନ୍ୟାର୍ଯ୍ୟ ଅଧିକାର, କୃଷି ଓ କୃଷକର ସୁରକ୍ଷା ନିମନ୍ତେ ଏହି ଆନ୍ଦୋଳନ କରାଯାଉଛି । ସଂଗଠନ ପକ୍ଷରୁ ୨୧ ଦଫା ଦାବି ଉପସ୍ଥାପିତ କରାଯାଇଛି । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ମାସିକ ୫,୦୦୦ ଟଙ୍କା ପେନ୍‌ସନ୍, ଧାନର କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ (MSP) ୫,୦୦୦ ଟଙ୍କାକୁ ବୃଦ୍ଧି ଏବଂ ଅନ୍ୟ ୨୩ଟି ଫସଲରେ MSP ନିର୍ଦ୍ଧାରଣ, ଚାଷୀଙ୍କୁ ସମ୍ପୂର୍ଣ୍ଣ କୃଷି ଋଣମୁକ୍ତ କରିବା ଓ ବିନା ସୁଧରେ ଋଣ ପ୍ରଦାନ, ଚାଷୀଙ୍କୁ 'ରାଷ୍ଟ୍ରର ସେବକ' ମାନ୍ୟତା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସୁନିଶ୍ଚିତ କରିବା, ଓଡ଼ିଶାର ଖଣି, ଜମି, ଜଳ ଓ ଜଙ୍ଗଲକୁ କର୍ପୋରେଟ୍ ସଂସ୍ଥାଙ୍କ କବଳରୁ ରକ୍ଷା କରିବା, ଚାଷୀଙ୍କୁ ସମ୍ପୂର୍ଣ୍ଣ ମାଗଣା ବିଦ୍ୟୁତ୍ ଏବଂ ସାଧାରଣ ଗ୍ରାହକଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରଦାନ କରିବା ଭଳି ଦାବି ରଖିଛନ୍ତି । ସଂଗଠନର ଆବାହକ ଅକ୍ଷୟ କୁମାର ସମସ୍ତ ଚାଷୀ, ମୂଲିଆ, ମହିଳା ଓ ଯୁବପିଢ଼ିଙ୍କୁ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ଆହ୍ୱାନ୍ କରିଛନ୍ତି । ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ଚାଷୀଙ୍କ ଅର୍ଥନୈତିକ ସ୍ଥିତି ସୁଧାରିବା ଓ ଓଡ଼ିଶାକୁ ଏକ ସମୃଦ୍ଧ କୃଷି ଭିତ୍ତିକ ରାଜ୍ୟରେ ପରିଣତ କରିବା । ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ କୃଷକ ସଂଗଠନ ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଭାରୀ ଚିନ୍ନୁ ଦାସ ଓ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ସୂଚନା ଦେଇଛନ୍ତି ।

# ୬୩୧ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଜବତ:୭ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ବନ ବିଭାଗ ଅଧୀନ ମୋଟୁ ରେଞ୍ଜର କର୍ମଚାରୀ ମାନେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ନିକଟରୁ ୬୩୧ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଯାହାର ଓଜନ ୨ଟନ୍ ଜବତ କରିଛନ୍ତି । ଆନ୍ଧ୍ର ପ୍ରଦେଶର କୃଷ୍ଣା ଜିଲ୍ଲାର କୋରକୁଲା ଗାଁର ଦୁଇଜଣ ବ୍ୟକ୍ତି ବେଆଇନ୍ ଭାବରେ କଇଁଛଗୁଡ଼ିକୁ ଓଡ଼ିଶା ସୀମାକୁ ବାଣିଜ୍ୟ ଏବଂ ଓଡ଼ିଶାରୁ ପାଞ୍ଚ ଜଣଙ୍କୁ ବିକ୍ରି କରିବା ପାଇଁ ଆଣୁଥିଲେ । ନିର୍ଭରଯୋଗ୍ୟ ସୂଚନା ପାଇ ମୋଟୁ ରେଞ୍ଜ କର୍ମଚାରୀମାନେ ଚଢଉ କରି ଅବୈଧ ବନ୍ୟପ୍ରାଣୀ ବାଣିଜ୍ୟରେ ସମ୍ପୃକ୍ତ ସମସ୍ତ ସାତ ଜଣଙ୍କୁ ଗିରଫ କରିଛନ୍ତି । ଅଭିଯାନ ସମୟରେ, ବନ କର୍ମଚାରୀମାନେ ମହିନ୍ଦ୍ରା ବୋଲେରୋ ପିକ୍‌ଅପ୍ ଗାଡ଼ିରୁ ୩୮ଟି ପ୍ଲାଷ୍ଟିକ୍ ଟ୍ରେ ଓ ୪୦ଟି ବସ୍ତାରୁ ୬୩୧ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଜବତ କରିବା ସହ ସେମାନଙ୍କ ଠାରୁ ୬ଟି ମୋବାଇଲ୍ ଫୋନ୍, ଗୋଟିଏ ବଜାଜ୍ ଡିସ୍କଭର ମୋଟର ସାଇକେଲ୍, ଗୋଟିଏ ହୋଣ୍ଡା ଡ୍ରିମ୍ ନିଓ ମୋଟରସାଇକେଲ୍ ଜବତ କରିବା ସହିତ ଗିରଫ ବ୍ୟକ୍ତିମାନଙ୍କୁ ମୋଟୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ବନ୍ୟପ୍ରାଣୀ ଅପରାଧ ମାମଲା ପଞ୍ଜିକୃତ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି ।

# କେନ୍ଦୁଝରରୁ ବରିଷ୍ଠ ନାଗରିକଙ୍କ ପୁରୀ ଅଭିମୁଖେ ଯାତ୍ରା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରୁ ୨୨୨ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ସଦର ମହକୁମା ଠାରୁ ଓ.ଏସ୍.ଆର୍.ଟି.ସିର ୬ ଗୋଟି ଭୋଲଭୋ ବସ୍ ଯୋଗେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଯାତ୍ରୀମାନଙ୍କୁ ଆଧାତ୍ମିକ ଦିଗ୍‌ଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀମାନେ ମଧ୍ୟ ଗସ୍ତ କରିଛନ୍ତି । ଯାତ୍ରା ପୂର୍ବରୁ ସକାଳେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ବିଶାଳ ସିଂହ ଏହି ଯାତ୍ରାକୁ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସମେତ ବିଭାଗୀୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ।

# ଅପରେସନ୍ ସାଇବର କବଚ:୩୩୬ ଜଣ ଅଭିଯୁକ୍ତ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ୍ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ 'ଅପରେସନ୍ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ୍ ୩୪,୧୦୧ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି । ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୧୧ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ୍/PoS ସମ୍ପର୍କିତ ୨ ଅପରେସନ୍ ସାଇବର କବଚ:୩୩୬ ଜଣ ଅଭିଯୁକ୍ତ ଗିରଫ ୩ଟି ମାମଲା ରୁଜୁ ହୋଇଛି । ଏପର୍ଯ୍ୟନ୍ତ ୩୩୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୮୬ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୬୮୯୩ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ ସହାୟକଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରାଯାଇଛି । ଏହି ଅଭିଯାନରେ ବଲାଙ୍ଗିର ଜିଲ୍ଲା ପୋଲିସ ୨୪୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୨୭ ଜଣଙ୍କୁ ନୋଟିସ୍ ଜାରି କରିଛି । କେନ୍ଦୁଝର ଜିଲ୍ଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ ଏବଂ ୪ ଜଣଙ୍କୁ ନୋଟିସ୍ ଜାରି କରିଛି । ରାଉରକେଲା ଜିଲ୍ଲା ପୋଲିସ ୨୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ଟି ମାମଲା ରୁଜୁ କରି ୪ ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି କଟକ ଜିଲ୍ଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ, ନୟାଗଡ଼ ଜିଲ୍ଲା ପୋଲିସ ୨୭୩ଟି ବେନାମୀ ଆକାଉଣ୍ଟ ଯାଞ୍ଚକରି ୩୦ ଜଣଙ୍କୁ ନୋଟିସ୍, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୬୦ଟି, ଭଦ୍ରକ ଜିଲ୍ଲା ପୋଲିସ ୫୨ଟି ଏବଂ ମୟୂରଭଞ୍ଜ ଜିଲ୍ଲା ପୋଲିସ ୩ଟି ଆକାଉଣ୍ଟ ଯାଞ୍ଚ କରି ୩ ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି । ଭୁବନେଶ୍ୱର (UPD) ୧୭୭ଟି ଏବଂ କଟକ (UPD) ୧୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଜଣଙ୍କୁ ନୋଟିସ୍ ଜାରି କରିଛନ୍ତି । ବ୍ରହ୍ମପୁର ଜିଲ୍ଲା ପୋଲିସ ୧ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୮ ଜଣଙ୍କୁ ନୋଟିସ୍ ଜାରି କରିଛି । ବୌଦ୍ଧ ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଞ୍ଚ କରି ୧୦ ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି ଗଜପତି ଜିଲ୍ଲା ପୋଲିସ ୧୯ଟି, ଗଞ୍ଜାମ ଜିଲ୍ଲା ପୋଲିସ ୬୮ଟି, କନ୍ଧମାଳ ଜିଲ୍ଲା ପୋଲିସ ୧ଟି ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ନୋଟିସ୍, ଢେଙ୍କାନାଳ ଜିଲ୍ଲା ପୋଲିସ ୧୨ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୬୩ଟି ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ଗିରଫ ଏବଂ ୧୪ ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି କୋରାପୁଟ ଜିଲ୍ଲା ପୋଲିସ ୫ଟି, ମାଲକାନଗିରି ଜିଲ୍ଲା ପୋଲିସ ୩ଟି, ନୂଆପଡ଼ା ଜିଲ୍ଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି । ରାୟଗଡ଼ା ଜିଲ୍ଲା ପୋଲିସ ୧୦୮ଟି ଆକାଉଣ୍ଟ ଯାଞ୍ଚ କରି ୨ ଜଣଙ୍କୁ ଗିରଫ ଏବଂ ୬୧ ଜଣଙ୍କୁ ନୋଟିସ୍ ଜାରି କରିଛି । ରାଜ୍ୟବାସୀଙ୍କ ଡିଜିଟାଲ୍ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

# ଦଳିତ ବ୍ୟକ୍ତିଙ୍କୁ ମାଡ଼:ପୋଲିସ ନିରବ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଡିଅପଡା ଠାରେ ରହୁଥିବା ଦଳିତ ପରିବାରର କିଛି ବ୍ୟକ୍ତିଙ୍କୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ନିସ୍ତୁକ ମାଡ ମାରିଥିବାରୁ ଏମାନଙ୍କ ଭିତରୁ ଦୁଇ ୩ଜଣ କଟକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେବାପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ନକରିବାରୁ ଅଭିଯୁକ୍ତମାନେ ଏହି ଦଳିତ ପରିବାରକୁ ଧମକ ଦେଉଛନ୍ତି । ଏନେଇ ଶତାଧିକ ଦଳିତ ପରିବାରର ମହିଳା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅଧର ମଳିକ, ସନ୍ଧ୍ୟାରାଣୀ ମଳିକ, ଶରତ ମଳିକ, ଲିପ୍‌ସା ମଳିକ, ସୁଭଦ୍ରା ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି ।

# 'ଶାସ୍ତ୍ରୀୟ ଓଡ଼ିଆ ଭାଷା:ଅଧ୍ୟୟନର ଏକ ନୂତନ ପ୍ରେକ୍ଷାପଟ୍ଟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଗତ ମାର୍ଚ୍ଚ ୧୧ ତାରିଖରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଇଛି । ଏହି ଅବସରରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା: ଅଧ୍ୟୟନର ଏକ ନୂତନ ପ୍ରେକ୍ଷାପଟ୍ଟ' ଶୀର୍ଷକ ଜତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ପୌରହିତ୍ୟ କରି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପ୍ରମୁଖ କାରଣଗୁଡ଼ିକ କହିବା ସହିତ ଏହାର ସଫଳ ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବରେ ଜେଏନ୍‌ୟୁର ପ୍ରାକ୍ତନ ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଆମ ପାଇଁ ଏକ ଦାୟିତ୍ୱ ଓ ଆହ୍ୱାନ୍ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉଦ୍‌ବୋଧକ ଭାବରେ ପ୍ରାକ୍ତନ ପ୍ରକଳ୍ପ ନିର୍ଦ୍ଦେଶକ, ତଥା ପରାମର୍ଶଦାତା, ଜାତୀୟ ଶିକ୍ଷାନୀତି ଆଲୋଚନା କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟକ୍ଷ ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ବରିଷ୍ଠ ଗବେଷିକା ଡ. ମନସା ଶ୍ରୀଚନ୍ଦନ ମଞ୍ଚ ପରିଚାଳନା କରିଥିଲେ ଓ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମାନରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା - ଅଧ୍ୟୟନର ଏକ ନୂତନ ପ୍ରେକ୍ଷାପଟ୍ଟ' ଶୀର୍ଷକ ବହୁବିଧ ବିଷୟବସ୍ତୁ ଉପରେ ଡ. ରଞ୍ଜନ କୁମାର ଦାସ, ଡ. ଅନନ୍ତ କିଶୋର ଜେନା, ଡ. ସଂଘମିତ୍ରା ଭଞ୍ଜ, ଗବେଷିକା ଅଳକାନନ୍ଦା ତ୍ରିପାଠୀ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ପ୍ରମୋଦିନୀ ଜେନା, ଡ. ହିମାଦ୍ରି ତନୟା ମିଶ୍ର, ଅଧ୍ୟାପିକା ଲୋପାମୁଦ୍ରା ସାହୁ, ଡ. ଅମ୍ବରୀଶ ଶତପଥୀ, ରୂପଶ୍ରୀ ଧର ଆଦି ବିଭିନ୍ନ ପ୍ରବନ୍ଧ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଷା ସାହିତ୍ୟର ଅନେକ ଭାଷାବିତ୍, ବୁଦ୍ଧିଜୀବୀ, ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟାପକ, ଅଧ୍ୟାପିକା ଏବଂ ଭାଷା ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ଏହି ଆଲୋଚନା ଚକ୍ରକୁ ସଫଳ କରିଥିଲେ ।

# ବାଇକ୍ ସହ ୩ ଅଭିଯୁକ୍ତଙ୍କୁ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଲିଖିତ ଅଭିଯୋଗର ୨୪ ଘଣ୍ଟା ଭିତରେ ତିନି ଚୋରି ବାଇକ୍ ଜବତ ତିନି ଗିରଫ । ସୂଚନା ଅନୁଯାୟୀ ବୋରିଗୁମ୍ମା ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରା ବାଇକ୍ ଚୋରି ହୋଇଥିବା ନେଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରି ତିନି ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ । ତିନି ଦୁର୍ବୃତ୍ତ ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ବୋଲି ଜଣାପଡିଛି । ସେମାନଙ୍କ ଠାରୁ ତିନି ଗୋଟି ବାଇକ୍ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ବାଘ ସୂଚନା ଦେଇଥିଲେ ।

# ଯାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଅଚାନକ୍ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିଦର୍ଶନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଯାତ୍ରୀଙ୍କ ସମସ୍ୟା ଗୁଡିକର ସମାଧାନ ପାଇଁ ଅଧିକାରୀଙ୍କୁ ବିରକ୍ତି ପ୍ରକାଶ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ୍ ସାହୁ ସକାଳ ୧୧ଟା ସମୟରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଅଚାନକ୍ ପରିଦର୍ଶନ କରିଥିଲେ । ପି.ଏଚ୍.ଡି ଦେଇଥିବା ପାଣି ଟାଙ୍କିଟି ଦୁଇ ଦିନ ଧରି ଉଭାନ୍ ହୋଇଯିବା ପରେ ଜନସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା କଥା ଜିଲ୍ଲାପାଳଙ୍କ ନଜରକୁ ପହଞ୍ଚିଥିଲା । ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିଦର୍ଶନ ସମୟରେ ଲୋକଙ୍କ ରହଣି ସ୍ଥାନ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ସୋନପୁର ପୌରନିର୍ବାହୀ ଅଧିକାରୀ ରଶ୍ମି ମାଝିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇସାରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇନଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାରରେ କିପରି ଆସିବ ସେନେଇ ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେନେଇ ସୋନପୁର ଘରୋଇ ବସ୍ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ୍ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟେପ୍‌କୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ ଓ ବିକାଶ କାର୍ଯ୍ୟରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାରରେ ସେ ଯିଏବି ବ୍ୟାଘାତ ସୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ କର୍ମଚାରୀ, ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ / ୫ବୃ | ୩ | ଶୁ୨ / ଚନ୍ଦ୍ରମଙ୍ଗଳ |
| ୬ | ୨୦ / ୯ | ୧୨ |
| ୭କେ / ୮ | ୯ | ୧୧ର / ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୩।୨୦୨୬, ଫାଲ୍‌ଗୁନ ଦି୨୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୫୯।୫୯** **ଚନ୍ଦ୍ରୋଦୟ- ରାଘ ୨।୩୩।୩୬**

**ମଳ ନବମୀ-** ପ୍ରାଘ ୬।୩୧ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର ରାଘ ୩।୦୫ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ପ୍ରାଘ ୬।୩୧ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୦୨ ଗତେ ଦିଘ ୬।୪୯ ମଧ୍ୟେ । ଦିଘ ୭।୩୭ ଗତେ ଦିଘ ୮।୫୯ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ ।



**ମେଷ:** ଦେହ କଷ୍ଟର ଶିକାର ହେବେ । ମନରେ ବିରକ୍ତି ପ୍ରକାଶ ପାଇବ । କର୍ମକ୍ଷେତ୍ରରେ ବିଳମ୍ବତା ଯୋଗ । ଅଯଥା ଦୁଶ୍ଚିନ୍ତା ବୃଦ୍ଧି । ରୋଜଗାର ସ୍ଥିର ରହିବ । ପରିବାରରେ ଅସହଯୋଗ ସୃଷ୍ଟି ।



**ବୃଷ:** କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟି । ଠକାମିର ଶିକାର ହୋଇପାରନ୍ତି । ପରିବାରରେ ଜଞ୍ଜାଳ ବଢ଼ିବ । ଅକସ୍ମାତ୍ ରୋଗ ପୀଡ଼ାର ସୂଚନା ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବନାହିଁ ।



**ମିଥୁନ:** ସହଯୋଗ ପାଇ ବାକିଆ କାମକୁ ସମାପନ କରିପାରିବେ । ମିତ୍ର ଲାଭ ହେବ । ଆୟର ପରିମାଣ ସ୍ଥିର ରହିବ । ପାରିବାରିକ ଜଞ୍ଜାଳ ବୃଦ୍ଧି ହେବ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ଆତ୍ମଭିମାନ ବଢ଼ିବ । ଆଚାର ଓ ବ୍ୟବହାର ଅହଂକାର ବଢ଼ିବ । ଶତ୍ରୁ ସୃଷ୍ଟି ହେବ । ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଉତ୍ତମ ହେବ । କୁଟୁମ୍ବେ ବା ସହଯୋଗୀଙ୍କ କଥା ପାଇଁ ବିଚଳିତ ହେବେ ।



**ସିଂହ:** ଭାଷା ସଂଯମ କରିବା ଶ୍ରେୟସ୍କର ହେବ । ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଆନନ୍ଦ ଲାଗିବ । ଆୟର ପରିମାଣ ବଢ଼ିବ । ଗୃହେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗରୁ ବିରକ୍ତି ଲାଗିବ । କୁଟୁମ୍ବେ ଅଶାନ୍ତି । ଆୟ ସ୍ଥିର ରହିବ । ତଥାପି ଧନକ୍ଷୟ ହେବ । ଅପରାହ୍ନ ଠାରୁ ଆନନ୍ଦ ପ୍ରାପ୍ତ ହେବାର ସୂଚନା ।



**ତୁଳା:** ପରିଶ୍ରମ ବଢ଼ିଲେ ମଧ୍ୟ ତଦନୁଯାୟୀ ଫଳ ଲାଭ କରି ଆନନ୍ଦିତ ହେବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତାର କାରଣ ।



**ବିଛା:** ପ୍ରତ୍ୟେକ କାର୍ଯ୍ୟରେ ନିଜର ଦୃଢ଼ ଆଶା ସଫଳ ପ୍ରଦାନ କରିବେ । ପରିବାରରେ ବନ୍ଧୁ ମତାନ୍ତର ଯୋଗ ରହୁଛି । ଆୟ ଓ ବ୍ୟୟର ପରିମାଣ ମଧ୍ୟମ ଧରଣର ହେବ । ଆଳସ୍ୟତା ପରିହାର କର୍ତ୍ତବ୍ୟ ।



**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ଏଣୁ ଉତ୍ତମ ଭୋଜନ ଓ ବସନଭୂଷଣ ପ୍ରାପ୍ତି । କର୍ମକ୍ଷେତ୍ରରେ ଉନ୍ନତି ସାଧନ ହେବ । ରୋଜଗାର ଭଲ ହେବ । ଉଚ୍ଚ ଆଶା ସଫଳ ହେବାର ସମ୍ଭାବନା ।



**ମକର:** ଶତ୍ରୁ ବୃଦ୍ଧି । ନିଜ ଲୋକ ବିପରୀତ ବ୍ୟବହାର କରିବେ । ପଥରୋଧ ଭଳି ପରିସ୍ଥିତିର ସାମ୍ନା କରିବାକୁ ହେବ । ଜଗି ରଖି କାର୍ଯ୍ୟ କରିବେ । ଆୟର ପରିମାଣ ସାମାନ୍ୟ ବଢ଼ିବ । ଗୃହରେ ଆନନ୍ଦ ଲାଗିବ ।



**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ରହିବା ଶ୍ରେୟସ୍କର । ବ୍ୟୟ ଠାରୁ ଆୟର ପରିମାଣ କମ୍ ହେବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** କର୍ମକ୍ଷେତ୍ରରେ କାର୍ଯ୍ୟ ସାଫଲ୍ୟତା ଯୋଗ । ମାଲିମୋକଦ୍ଦମାରେ ବିଜୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶ୍ରମ ବୃଦ୍ଧି । ଆଶା କରିଥିବା କାର୍ଯ୍ୟ ସଫଳ ହେବ ।

# ଜିଲ୍ଲାପାଳଙ୍କ ଅଙ୍ଗନୱାଡ଼ି ପରିଦର୍ଶନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବାମଣ୍ଡା ସ୍ଥିତ ଆମ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି । ଅଚ୍ଳାନକ୍ ଗସ୍ତରେ ଯାଇ ଜିଲ୍ଲାପାଳ ଶ୍ରୀ ନାୟକ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କ ସହ କଥା ହୋଇଥିଲେ । ସେହିପରି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ସହ କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚ୍ନା କରିଥିଲେ । ଶିଶୁ ଓ ଗର୍ଭବତୀ ମା'ମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ମଧ୍ୟ ପରୀକ୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ସହିତ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୦୩।୨୦୨୬, ଫାଲ୍‌ଗୁନ ଦି୩୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୫୯।୦୮** **ଚନ୍ଦ୍ରୋଦୟ- ରାଘ ୩।୧୯।୨୨**

**ଦଶମୀ -** ଦିଘ ୮।୧୩ ପର୍ଯ୍ୟନ୍ତ । ଉତ୍ତରାଷାଢ଼ା ନକ୍ଷତ୍ର ରାଘ ୪।୪୯ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଦିଘ ୯।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । ଦିଘ ୯।୩୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ଦିଘ ୯।୩୪ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୮।୧୩ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୨୮ ଗତେ ଦିଘ ୧୧।୦୯ ମଧ୍ୟେ । **ପର୍ବୋତ୍ସବ-** ଦୃକସିଦ୍ଧ ମୀନ ସଂକ୍ରାନ୍ତି, ପାରମ୍ପରିକ ମାସାନ୍ତ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବୈଦେଶିକ ମନ୍ତ୍ରୀଙ୍କ କୂଟନୈତିକ ବିଜୟ

ଦେଶରେ ତୈଳ ଏବଂ ପ୍ରାକୃତିକ ଗ୍ୟାସର ସଙ୍କଟ ଆପାତତଃ ସମାଧାନ ହେବାର ଆଶା ଉଜ୍ଜୀବିତ ହୋଇଛି। ହୋର୍ମୁଜରେ ଅଟକିବନି ଭାରତୀୟ ଜାହାଜ, ବାଟ ଛାଡ଼ିବାକୁ ଇରାନ ସହମତି ପ୍ରଦାନ କରିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଭାରତ ପାଇଁ ଏକ ଭଲ ଖବର ଆସିଛି। ସୂତ୍ର ଅନୁସାରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ମଧ୍ୟରେ ହୋଇଥିବା ଫୋନ୍ କଲ୍ ପରେ, ଇରାନ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଦେଇ ଭାରତୀୟ ତୈଳ ଟ୍ୟାଙ୍କରଗୁଡ଼ିକୁ ପରିବହନ ପାଇଁ ଅନୁମତି ପ୍ରଦାନ କରିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଭାରତକୁ ମିଳିଛି ବଡ଼ ଆଶ୍ୱସ୍ତି । ସୂତ୍ର ଅନୁସାରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ ଆରାଘଚିଙ୍କ ମଧ୍ୟରେ ହୋଇଥିବା ଫୋନ କଥାବାର୍ତ୍ତା ପରେ, ଇରାନ ଭାରତୀୟ ଟ୍ୟାଙ୍କରଗୁଡ଼ିକୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ସୁରକ୍ଷିତ ଯିବାକୁ ଅନୁମତି ଦେଇଛି। ଏହା ଭାରତର ଶକ୍ତି ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ ହର୍ମୁଜ୍ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ମଧ୍ୟରୁ ଗୋଟିଏ, ଯାହା ବିଶ୍ୱ ତୈଳ ଏବଂ ପ୍ରାକୃତିକ ଗ୍ୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପରିବହନ କରେ। ସୂତ୍ର ଅନୁଯାୟୀ , ବୈଦେଶିକ ମନ୍ତ୍ରୀ ଇରାନର ଆରାଘଚିଙ୍କ ସହ କଥାବାର୍ତ୍ତା କରିବା ପରେ ଇରାନ ଭାରତୀୟ ତୈଳ ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ୍ ଦେଇ ଯିବାକୁ ଅନୁମତି ଦେଇଛି । ଦୁଇ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନାର ଲକ୍ଷ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥକୁ ଖୋଲା ରଖିବା ଥିଲା। ଯାହା ଦ୍ୱାରା ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସର ଯୋଗାଣ ବାଧାପ୍ରାପ୍ତ ନହୁଏ। ସୂତ୍ରଗୁଡ଼ିକରୁ ଏହା ମଧ୍ୟ ଜଣାପଡିଛି ଯେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କେବଳ ଇରାନ ସହିତ ନୁହେଁ ବରଂ ଅନ୍ୟାନ୍ୟ ପ୍ରମୁଖ ବିଶ୍ୱ ଶକ୍ତି ସହିତ ମଧ୍ୟ ସମନ୍ୱୟ ସ୍ଥାପନ କରିଛନ୍ତି। ସେ ରୁଷିଆ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ ଏବଂ ଫରାସୀ ବୈଦେଶିକ ମନ୍ତ୍ରୀ ଜିନ୍-ନୋଏଲ୍ ବାରୋଙ୍କ ସହିତ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି ଆଲୋଚନାର ଲକ୍ଷ୍ୟ ଥିଲା ସାମୁଦ୍ରିକ ବାଣିଜ୍ୟ ପଥ ଖୋଲା ରଖିବା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ନକରିବା। ଭାରତର ଏହି ସକ୍ରିୟ ବୈଦେଶିକ ନୀତି ପ୍ରମାଣିତ କରିଛି ଯେ ଏହା ଉତ୍ତେଜନା ସମୟରେ ମଧ୍ୟ ନିଜ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସମସ୍ତ ପକ୍ଷଙ୍କ ସହିତ ଜଡିତ ହେବାକୁ ସକ୍ଷମ। ଆମେରିକା, ୟୁରୋପ ଏବଂ ଇସ୍ରାଏଲର ଜାହାଜଗୁଡ଼ିକ ଏହି ରାସ୍ତାରେ କଠୋର କଟକଣାର ସମ୍ମୁଖୀନ ହେଉଥିବା ସମୟରେ ଇରାନ ଭାରତକୁ ଏହି ସ୍ୱତନ୍ତ୍ର ଛାଡ ଦେଇଛି। ଭାରତକୁ ଛାଡ ପ୍ରଦାନ କରି, ଇରାନ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଆମେରିକା, ୟୁରୋପ ଏବଂ ଇସ୍ରାଏଲର ଜାହାଜ ଉପରେ କଟକଣା ଜାରି ରହିବ, ଭାରତୀୟ ଟ୍ୟାଙ୍କରଗୁଡ଼ିକ ସୁରକ୍ଷିତ ଭାବରେ ହର୍ମୁଜ୍ ଦେଇ ପରିବହନ କରିପାରିବେ । ଏହା ଭାରତ ପାଇଁ ଏକ କୂଟନୈତିକ ସଫଳତା, କାରଣ ହର୍ମୁଜ୍‌ରେ ଜାହାଜ ଚଳାଚଳ ବର୍ତ୍ତମାନ ୯୦% ହ୍ରାସ ପାଇଛି ଏବଂ ଅନେକ ଦେଶର ଟ୍ୟାଙ୍କର ଫସି ରହିଛନ୍ତି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୯)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

କୁଜଙ୍ଗ ଗଡର ରାଜା ଗୋପୀନାଥ ନରେନ୍ଦ୍ର, ସୁଭଦ୍ରାଙ୍କ ବ୍ରହ୍ମମଣିଙ୍କୁ ମହାସମାରୋହରେ ଆଦର ପୂର୍ବକ ଫେରାଇ ଆଣିଛନ୍ତି କୁଜଙ୍ଗ ଗଡ । ମାହାଙ୍ଗା ନଦୀର ଅବବାହିକାରେ ଗୋଟିଏ ସୁନ୍ଦର ଆଉ ଅତ୍ୟନ୍ତ ମନୋରମ ବୋଇତଟିଏ ଲାଗିଛି । ଯେଉଁଥିରେ ରାଜା ଗୋପୀନାଥ ନରେନ୍ଦ୍ର, ମା ସୁଭଦ୍ରାଙ୍କୁ ଶ୍ରୀ ପୁରୁଷତ୍ତମ କ୍ଷେତ୍ରରୁ ଆଣିଛନ୍ତି ବୋଲି ଚତୁଃର୍ଦ୍ଦିଗରେ ପ୍ରଚାରିତ ହୋଇଗଲା । ଶହ ଶହ ପ୍ରଜାମାନେ ଆସି ବୋଇତ ନିକଟରେ ମେଳି ବାନ୍ଧିଲେଣି, ମା ସୁଭଦ୍ରାଙ୍କୁ ପୁନର୍ବାର ଅସ୍ଥାୟୀ ପୁରାତନ ମନ୍ଦିର ମଧ୍ୟକୁ ନେଇ ଉପାସନା କରିବେ । ଚତୁର୍ଦ୍ଦିଗରେ ମହା ଆନନ୍ଦର କୋଳାହଳ । ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ବୀର କାହାଳିର ସମ୍ମିଳିତ ଧ୍ୱନିରେ ଗଗନ ପବନ କଂପି ଉଠୁଛି ଗଡ କୁଜଙ୍ଗର ପାବନ କ୍ଷେତ୍ର । ମହାରାଣୀ ମୁକ୍ତାମାଳା ବୋଇତରେ ବସିଥିବା ମହାରାଜାଙ୍କୁ ଆସି ପ୍ରଣାମ କଲେ। ଆଖିରୁ ଆନନ୍ଦାଶ୍ରୁ ବହିଯାଉଛି। ଗୋଟିଏ ସୁସଜ୍ଜିତ ଖଟୁଲି ଉପରେ ବିରାଜମାନ କରିଥିବା ଜଗତ୍‌ଜନନୀ ମା ସୁଭଦ୍ରାଙ୍କୁ ଅତି ଆଦରରେ ବନ୍ଦାପନା କରୁଥାନ୍ତି ଅନେକ ସହଚରୀମାନଙ୍କ ସାଥିରେ। ବନ୍ଦାପନା କାର୍ଯ୍ୟ ସରିବାପରେ ମା ସୁଭଦ୍ରାଙ୍କୁ ନେବା ପାଇଁ ପ୍ରତୀକ୍ଷା କରିଥାନ୍ତି ଅଗଣିତ ଭକ୍ତ। ସମସ୍ତଙ୍କ ମନରେ ଅହେତୁକ ଉତ୍କଣ୍ଠା । ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଭକ୍ତମାନେ ଗୋଟିଏ ଫୁଲ ସବାରୀରେ ସୁଭଦ୍ରାଙ୍କୁ ବସାଇ କ୍ଷୀପ୍ରଗତିରେ ନେଇଯାଉଥାନ୍ତି ପୁରାତନ ଅସ୍ଥାୟୀ ମନ୍ଦିର ନିକଟକୁ । ଚାରିଆଡେ ମହା ଆନନ୍ଦର ହିଲ୍ଲୋଳ ଭକ୍ତମାନଙ୍କୁ ଉଲ୍ଲସିତ



କରିଦେଉଥାଏ । ମନ୍ଦିର ମଧ୍ୟରେ ପ୍ରବେଶ କଲେ ମାତା ସୁଭଦ୍ରା । କୁଜଙ୍ଗଗଡର ରାଜନଅରରେ ଚାଲିଥାଏ ଆନନ୍ଦର ଗୋଟାଏ ବିଶାଳ ମହୋତ୍ସବ । ମହାରାଣୀ ମୁକ୍ତାମାଳା ନିଜେ ସ୍ୱହସ୍ତରେ ପରଷି ଦେଉଥାନ୍ତି ମିଷ୍ଟାନ୍ନ। ମା ସୁଭଦ୍ରାଙ୍କ ମନ୍ଦିର ସମ୍ମୁଖରେ ହରିନାମ କୀର୍ତ୍ତନ ଚାଲିଥାଏ ରାତିସାରା । ସେଦିନର ଆନନ୍ଦମୟ ମହାଉଲ୍ଲାସକୁ ବର୍ଣ୍ଣନା କରିବାପାଇଁ ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟମୟ ଶବ୍ଦଗୁଡିକ ସତେ ଯେପରି ଅସ୍ତିତ୍ୱ ହରାଇ ବସୁଥାଏ । ଅବର୍ଣ୍ଣନୀୟ ସେ ମହାଆନନ୍ଦର ପରିଭାଷା । ରାତି ପାହି ଆସିଲାଣି, ତଥାପି ହରିନାମ ସଂକୀର୍ତ୍ତନରେ ବିଭୋର କୁଜଙ୍ଗର ପ୍ରଜାଗଣ । ଭୋକ ଶୋଷ ବି ଭୁଲିଗଲେଣି କିନ୍ତୁ ସଂକୀର୍ତ୍ତନ ଥମିବାର ନାଁ ଧରୁନାହାନ୍ତି ଭକ୍ତଗଣ। ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଧୀରେ ଧୀରେ ସଂକୀର୍ତ୍ତନ ବନ୍ଦ ହୋଇ, ପ୍ରଭାତୀ ମଇଲଣ କରିବା ପାଇଁ ପୁରୋହିତ ଆସି ପହଞ୍ଚି ଯାଇଥିଲେ ମନ୍ଦିର ସମ୍ମୁଖରେ।

ଖୋର୍ଦ୍ଧାରେ ରାମଚନ୍ଦ୍ରଦେବ ବସିଛନ୍ତି, ବିଚଳିତ, ଅସ୍ଥିର, ଗଭୀର ଚିନ୍ତାରେ ଭାରାକ୍ରାନ୍ତ ତାଙ୍କର ମନ । ଖୋର୍ଦ୍ଧାର ରାଜନଅରରେ ବହୁ ପଣ୍ଡିତ, ଆଚାର୍ଯ୍ୟ, ବହୁ ସାଧୁସନ୍ଥ ବି ବିଚଳିତ ପରି ଲାଗୁଛନ୍ତି। କିପରି ହେବ ମହାବାହୁଙ୍କ ନବକଳେବର। ସମସ୍ତଙ୍କ ମନରେ ଗୋଟିଏ ଚିନ୍ତା, ଗୋଟିଏ ପ୍ରଶ୍ନ, କେଉଁଠାରେ ମିଳିବ ମହାବାହୁଙ୍କ ପାଇଁ ଯୋଗ୍ୟ ବିବେଚିତ ଦାରୁ। ଦାରୁବୃକ୍ଷ ତ ବହୁସ୍ଥାନରେ ଭରପୂର ରହିଛି, କିନ୍ତୁ ମହାପ୍ରଭୁଙ୍କ ଆୟୁଧ ଚିହ୍ନିତ ଦାରୁ ବ୍ୟତୀତ ଅନ୍ୟ କୌଣସି ଦାରୁରେ ମହାବାହୁଙ୍କ ବ୍ରହ୍ମ ସଂସ୍ଥାପନ କରାଯାଇ ପାରିବ ନାହିଁ । ରାଜା ସମସ୍ତ ଦିଗକୁ ଦୂତ ପଠାଇ ସାରିଲେଣି କିନ୍ତୁ କୌଣସି ସ୍ଥାନରୁ ଏ ପର୍ଯ୍ୟନ୍ତ ସଠିକ୍ ସମ୍ବାଦ ମିଳିପାରୁନାହିଁ। ଉପରେ ନିର୍ମଳ ଆକାଶ । ଦୂରରେ ଦୃଶ୍ୟମାନ ହେଉଥିବା ବଟବୃକ୍ଷର ଶାଖା ପ୍ରଶାଖାର ବିଶାଳତା ଗୋଟିଏ ନୀଳ ପର୍ବତ ଭଳି ଦୃଶ୍ୟମାନ ହେଉଥାଏ । ରାଜାଙ୍କ ବିଷୟରେ ତୁଳସୀ ଅରଣ୍ୟରୁ ଛୁଟି ଯାଉଥାଏ ଦିବ୍ୟ ସୁବାସ ଚତୁର୍ଦ୍ଦିଗକୁ। ତୁଳସୀ ଅରଣ୍ୟକୁ ସୁରକ୍ଷା ଦେଉଥିବା ବାଡ ଉପରେ ମାଳତୀ ଓ ତମାଳ ଫୁଲରେ ବସୁଥିବା ମଧୁମକ୍ଷିକାଙ୍କର ମୃଦୁ ଗୁଞ୍ଜରଣ, ବଗିଚାର ଶୋଭାକୁ ନିରୀକ୍ଷଣ କରୁଥାନ୍ତି ରାଜା ରାମଚନ୍ଦ୍ରଦେବ। ମନ ମଧ୍ୟରୁ କେହି ଜଣେ ରାଜାଙ୍କୁ କହୁଛି, ହେ ରାଜନ, ତୁମେ ବ୍ୟସ୍ତ ହୁଅନା ଆଜି ହିଁ ଦାରୁର ସନ୍ଧାନ ତୁମକୁ ମିଳିଯିବ । ଭରସା ରଖ, ନିରାଶ ହୁଅନା, ନିରାଶା ଭାବପୋଷଣ କରୁଥିବା ବ୍ୟକ୍ତି କେବେ ସଫଳ ହୋଇପାରେନା। (କ୍ରମଶଃ....)

# ପିତାଙ୍କ ମର୍ଯ୍ୟାଦା



ଅରୁଣ କୁମାର ତ୍ରିପାଠୀ
ଜୟପୁର, ୯୦୭୮୮୩୮୬୨୭

ଆଜିର ସମାଜ ଏକ ଗଭୀର ନୈତିକ ଓ ସାଂସ୍କୃତିକ ସଙ୍କଟ ମଧ୍ୟଦେଇ ଗତିକରୁଛି। ଆମେ ଉପଦେଶ ଛଳରେ ସଂସ୍କାର, ଧର୍ମ, ମୂଲ୍ୟବୋଧ ଓ ପରମ୍ପରାର କଥା କହୁଥିଲେ ମଧ୍ୟ, ଆମ ଦୈନନ୍ଦିନ ବ୍ୟବହାରରେ ସେଗୁଡ଼ିକୁ ଧୀରେ ଧୀରେ ହରାଇ ଦେଉଛୁ। ଏହି ବିରୋଧାଭାସର ସବୁଠାରୁ ଦୁଃଖଦ ଚିହ୍ନ ହେଉଛି ପିତାଙ୍କ ପ୍ରତି ଆମ ଦୃଷ୍ଟିକୋଣ। ଯେଉଁ ପିତା ନିଜ ଯୁବକାଳ, ସ୍ୱପ୍ନ ଓ ସୁଖକୁ ବଳି ଦେଇ ସନ୍ତାନଙ୍କ ଜୀବନ ଗଢ଼ିଛନ୍ତି, ସେଇ ପିତାଙ୍କୁ ଆଜି ଅନେକ ସମୟରେ ଆମେ ବୋଝ, ବାଧା ବା ପଛୁଆ ବୋଲି ଦେଖୁଛୁ।

ଓଡ଼ିଆ ସାହିତ୍ୟ, ପୌରାଣିକ କଥା ଓ ଧାର୍ମିକ ଚେତନାରେ ପିତା କେବଳ ଜନ୍ମଦାତା ନୁହେଁ, ସେ ଧର୍ମ, ଶିକ୍ଷା, ନୀତି ଓ ସଂସ୍କାରର ମୂଳ ସ୍ତମ୍ଭ। ପିତା ହେଉଛନ୍ତି ଧର୍ମର ପ୍ରଥମ ଶିକ୍ଷକ । ଆଧ୍ୟାତ୍ମ ଚେତନାର ଅପୂରନ୍ତ ଉତ୍ସ ଯାହା ଦୁର୍ବଳ ସମୟରେ ମନକୁ ବଳଦିଏ , ଅଥୟତାକୁ ଥୟ ଦିଏ, ଜଞ୍ଜାଳ ସାଗରରୁ ଉଠେଇଆଣି ପବିତ୍ର ଗଙ୍ଗାନଦୀର ବୁଡ଼ର ସୁଖ ପ୍ରଦାନ କରେ । କିନ୍ତୁ ଆଜି ଆଧୁନିକତାର ନାମରେ ଆମେ "ଆତ୍ମସମ୍ମାନ" ଓ "ସ୍ୱାଧୀନତା"ର ଯେଉଁ ବ୍ୟାଖ୍ୟା ଗଢ଼ିଛୁ, ସେଥିରେ ପିତାଙ୍କ ପ୍ରତି ନମ୍ରତା ଓ କୃତଜ୍ଞତା ପାଇଁ ସ୍ଥାନ ଦିନକୁ ଦିନ କମିଯାଉଛି। ପିତାଙ୍କ ଉପଦେଶକୁ 'ପୁରୁଣା ଭାବନା', ତାଙ୍କ ଚିନ୍ତାକୁ 'ହସ୍ତକ୍ଷେପ' ଏବଂ ତାଙ୍କ ଅନୁଭବକୁ 'ଅପ୍ରୟୋଜନୀୟ' ବୋଲି ଦେଖିବା ଏବେ ସାଧାରଣ ହୋଇପଡ଼ିଛି। କିନ୍ତୁ ଯେଉଁ ସମାଜ ପିତାଙ୍କ ଅନୁଭବକୁ ଅସ୍ୱୀକାର କରେ, ସେ ସମାଜ ନିଜ ଇତିହାସକୁ ମଧ୍ୟ ଅସ୍ୱୀକାର କରେ। ପିତା କୌଣସି ଭାବନାହୀନ ଆଧିକାରିକ ସମ୍ପର୍କ ନୁହେଁ। ସେ ହେଉଛନ୍ତି ଗୋଟିଏ ନୀରବ ଆଶ୍ରୟ, ଯେଉଁଠାରେ ଘର ନିରାପଦ ରହେ। ମା' ତାଙ୍କ ସ୍ନେହକୁ ଆଲିଙ୍ଗନରେ ଦେଖାନ୍ତି, କିନ୍ତୁ ପିତା ତାଙ୍କ ସ୍ନେହକୁ ଦାୟିତ୍ୱରେ ପରିଣତ କରନ୍ତି। ସେ ନିଜ ଆରାମକୁ ଛାଡ଼ି ସନ୍ତାନଙ୍କ ଭବିଷ୍ୟତକୁ ଆଗକୁ ଆଣନ୍ତି। ତାଙ୍କ ହାତ କଠିନ, କିନ୍ତୁ ସେଇ ହାତର ମଧ୍ୟରେ ଥାଏ ଆମର ସବୁଠାରୁ ଦୃଢ଼ ସୁରକ୍ଷା। ଭାରତୀୟ ଦାର୍ଶନିକତା ପିତାଙ୍କୁ ଧର୍ମର ସାରଥୀ ଭାବେ ଦେଖେ। ଭାରତୀୟ ପରମ୍ପରାରେ "ମାତୃଦେବୋ ଭବଃ, ପିତୃଦେବୋ ଭବଃ" ବାକ୍ୟଟି ଯେପରି ମାଆଙ୍କୁ ଦେବତା ସମାନ କରେ, ସେହିପରି ପିତାଙ୍କୁ ମଧ୍ୟ ଦେବତା ଭାବେ ଗ୍ରହଣ କରାଯାଇଛି । "ପିତୃଦେବୋ ଭବଃ" କହିବାର ଅର୍ଥ ହେଉଛି ପିତାଙ୍କୁ ଈଶ୍ୱର ସମାନ ମର୍ଯ୍ୟାଦା ଦିଅ, କାରଣ ତାଙ୍କ ତ୍ୟାଗ ଓ ଆଶୀର୍ବାଦ ଛଡ଼ା ଆମର ଜୀବନ ସମ୍ଭବ ନୁହେଁ। ମନୁସ୍ମୃତି କହେ, ପିତାଙ୍କ ଋଣ କେବେ ପରିଶୋଧ ହୁଏ ନାହିଁ। ସେହିପରି, ସମ୍ମାନ ଓ ସେବା ହିଁ ସନ୍ତାନର ସର୍ବୋଚ୍ଚ କୃତଜ୍ଞତା। ମହାଭାରତ ଓ ରାମାୟଣ ଆମକୁ ଏହି ସତ୍ୟକୁ ଆହୁରି ଗଭୀର ଭାବେ ବୁଝାଇଥାଏ। ରାମଙ୍କ ବନବାସ ଆଜି ମଧ୍ୟ ପିତାପ୍ରତି ନିଷ୍ଠାର ସର୍ବୋଚ୍ଚ ଦୃଷ୍ଟାନ୍ତ। ସେ ରାଜସିଂହାସନ ଛାଡ଼ିଥିଲେ, କିନ୍ତୁ ପିତାଙ୍କ ଆଦେଶ ଭଙ୍ଗ କରିନଥିଲେ। ସେଇ ନମ୍ରତା ତାଙ୍କୁ ମହାନ କରିଥିଲା। ମହାଭାରତରେ ମଧ୍ୟ ପିତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୀଷ୍ମ ପିତାଙ୍କ ସୁଖ ପାଇଁ ଜୀବନ ସାରା ବ୍ରହ୍ମଚର୍ଯ୍ୟ ପାଳନ କରିଥିଲେ । ପାଣ୍ଡୁ ଓ ଧୃତରାଷ୍ଟ୍ରଙ୍କ ସନ୍ତାନମାନେ ମଧ୍ୟ ପିତୃ ଗରିମା ଓ ବଂଶ ପରମ୍ପରାକୁ ନିଜ ଆଚରଣର ମାପଦଣ୍ଡ କରିଥିଲେ। ଜ୍ୟୋତିଷଶାସ୍ତ୍ର ମଧ୍ୟ ପିତାଙ୍କୁ ଗ୍ରହରାଜ ସୂର୍ଯ୍ୟଙ୍କ ସ୍ଥାନ ଦେଇ ତାଙ୍କ ମର୍ଯ୍ୟାଦା ଦିଏ । ପ୍ରତିଯୋଗିତା ମୂଳକ ପରୀକ୍ଷା ମାନଙ୍କରେ ସଫଳତା ନିମିତ୍ତ ସୂର୍ଯ୍ୟଙ୍କ ଉଚ୍ଚସ୍ଥାନ ନିହାତି ବିଧେୟ ଯାହା ପିତାଙ୍କ ସେବା ମାଧ୍ୟମରେ ହିଁ ସମ୍ଭବ । ଆଜି ଆମେ ଯେତେବେଳେ ପିତାଙ୍କୁ ଅବହେଳା କରୁଛୁ, ସେହି ସମୟରେ ଆମେ ଡାଳରେ ବସି ନିଜ ମୂଳକୁ ହିଁ କାଟୁଛୁ। ଗଛ ଯଦି ମୂଳକୁ ଭୁଲିଯାଏ, ସେ ଫଳ ଦେଇପାରେ ନାହିଁ। ସେହିପରି, ଯେଉଁ ସମାଜ ପିତାଙ୍କୁ ଭୁଲିଯାଏ, ସେ ସମାଜ ମୂଲ୍ୟବୋଧରେ ଶୂନ୍ୟ ହୋଇଯାଏ। ପିତା କେବଳ ଗତକାଲିର ପ୍ରତୀକ ନୁହନ୍ତି, ସେ ଆମ ଭବିଷ୍ୟତର ଭିତ୍ତି। ତାଙ୍କ ଆଶୀର୍ବାଦ ହିଁ ଆମର ସବୁଠାରୁ ବଡ଼ ସମ୍ପତ୍ତି। ଆଜି ଯଦି ଆମେ ପିତାଙ୍କୁ ସମ୍ମାନ ଦେବାକୁ ଶିଖୁ, ତେବେ ଆମ ସନ୍ତାନମାନେ ମଧ୍ୟ ଆମକୁ ସମ୍ମାନ ଦେବା ଶିଖିବେ। ଏହା ହିଁ ସଂସ୍କାରର ଶୃଙ୍ଖଳ।

ପିତା କୌଣସି ଭାର ନୁହେଁ। ସେ ଗୋଟିଏ ଆଶୀର୍ବାଦ। ସେ କୌଣସି ପୁରୁଣା ଚିନ୍ତାଧାରା ନୁହେଁ, ସେ ଜୀବନର ଅନୁଭବ। ସେ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ସେ ହେଉଛନ୍ତି ଆମର ମୂଳ ଓ ମର୍ଯ୍ୟାଦା। ପିତା ସାଗର, ଆମେ ବିନ୍ଦୁ। ସାଗରକୁ ଅସ୍ୱୀକାର କରି ବିନ୍ଦୁ କେବେ ମହାନ ହୋଇପାରେ ନାହିଁ।

# ଅଶାନ୍ତ ମଧ୍ୟପ୍ରାଚ୍ୟ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଗତ ଫେବୃୟାରୀ ଅଠେଇଶି ତାରିଖ ସକାଳେ ଆମେରିକା ଓ ଇସ୍ରାଏଲର ଏକ ମିଳିତ ତଥା ସମନ୍ୱିତ ବାୟୁସେନା ଆକ୍ରମଣ ଇରାନ ଉପରେ ହୋଇଅଛି। ଏହି ଆକ୍ରମଣର ନାମ ଦିଆଯାଇଛି "ଅପରେସନ୍ ଏପିକ୍ ଫ୍ୟୁରି"। ବର୍ଷ ବର୍ଷ ଧରି ଦେଶର ସାଧାରଣ ଜନତାମାନଙ୍କ ଉପରେ ଅତ୍ୟାଚାର କରାଯାଇ ଠିଆ କରାଯାଇଥିବା ଇରାନର ଧର୍ମଯାଜକମାନଙ୍କର ଶାସନ ବ୍ୟବସ୍ଥାକୁ ଏହି ଆକ୍ରମଣ ମାଟିରେ ମିଶାଇ ଦେଇଛି। ଦୀର୍ଘ ସଇଁତିରିଶ ବର୍ଷ ଧରି, ଦେଶର ସର୍ବୋଚ୍ଚ ନେତା ଥିବା ଆୟୋତୋଲ୍ଲା ଅଲ୍ଲୀ ଖାମିନୀ, ତାଙ୍କ ପରିବାର ବର୍ଗ, ଘନିଷ୍ଠ ସହଯୋଗୀ, ପ୍ରମୁଖ ଆର୍ମି କମାଣ୍ଡର ତଥା ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ମୁଖ୍ୟ ସେନାଧକ୍ଷ ଏଥିରେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ପ୍ରମୁଖ କାରଣ ଏହି ଆକ୍ରମଣର ହେଉଛି ଇରାନର ତଥାକଥିତ ବିବାଦୀୟ ପରମାଣୁ କାର୍ଯ୍ୟକ୍ରମ ଓ ସେଠାକାର ସାଧାରଣ ଜନତାଙ୍କର ତୀବ୍ର ସରକାର ବିରୋଧୀ ଆନ୍ଦୋଳନ। ପ୍ରଥମେ ଆମେ ଦେଖିବା ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟକୁ। ଜୁନ୍ ୨୦୨୫ ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନର ପରମାଣୁ କାର୍ଯ୍ୟକ୍ରମ ସ୍ଥଳ ଓ ସୈନ୍ୟ ଆଡ୍‌ଡା ଉପରେ ଆକ୍ରମଣ କରିଥିଲେ ଓ ଏହାପରେ ବିଶ୍ୱ ସମ୍ମୁଖରେ ମିଳିତ ବିବୃତି ଦେଇଥିଲେ ଯେ, ଇରାନର ଆଣବିକ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ଏବେ ପୁଣି ଥରେ ପରମାଣୁ କାରଣ ନେଇ ଇରାନ ଉପରେ ଆକ୍ରମଣ କରିବା, ସମଗ୍ର ବିଶ୍ୱ ସମ୍ମୁଖରେ ସନ୍ଦେହର ଏକ ପ୍ରାଚୀର ଠିଆ କରିଛି। ତେବେ ଖାମିନୀଙ୍କ ମୃତ୍ୟୁରୁ ନିଷ୍କର୍ଷ ଏହା ମଧ୍ୟ ବାହାରୁଛି କି, ଇରାନରେ କ୍ଷମତାର ପରିବର୍ତ୍ତନ ଏହି ଆକ୍ରମଣର ମୂଳ ଲକ୍ଷ୍ୟ, ଯାହାକୁ ଆମେରିକା ଓ ଇସ୍ରାଏଲ ସହ ସମଗ୍ର ମଧ୍ୟପ୍ରାଚୀୟ ଦେଶ ସମୂହ ସମର୍ଥନ କରୁଛନ୍ତି। ଜୁନ ୨୦୨୫ ର ଆକ୍ରମଣ ପରେ ଏହା ମଧ୍ୟ କୁହାଯାଉଥିଲା କି, ଇରାନ ଏହାର ପରମାଣୁ ବା ଆଣବିକ ସାମଗ୍ରୀକୁ ସୁରକ୍ଷିତ ସ୍ଥାନକୁ ହସ୍ତାନ୍ତର କରିଛି ବୋଲି। ତେଣୁ ଓମାନର ମଧ୍ୟସ୍ଥତାରେ ଏକ ଶାନ୍ତି ଆଲୋଚନା ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିଲା ଏବଂ ଏହା କିଛି ଦୂର ଅଗ୍ରସର ହୋଇଥିଲା ମଧ୍ୟ। ଆନ୍ତର୍ଜାତିକ ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ଇରାନ ଏହାର ଆଣବିକ ପଦାର୍ଥ ଯାହାକି ଓଜନ୍‌ରେ ତିନିଶହରୁ ଚାରିଶହ କେ.ଜି. ଓ ଷାଠିଏ ପ୍ରତିଶତ ବର୍ଦ୍ଧିତ ୟୁରାନିୟମକୁ ନଷ୍ଟ ବା ହସ୍ତାନ୍ତର କରିବା ପାଇଁ ରାଜି ମଧ୍ୟ ହୋଇଯାଇଥିଲା। ସାଧାରଣତଃ ଦଶ ବା ଏହାଠାରୁ ସାମାନ୍ୟ ଅଧିକ ସଂଖ୍ୟକ ଆଣବିକ ଅସ୍ତ୍ର ତିଆରି କରିବା ପାଇଁ ନବେ ପ୍ରତିଶତ ବର୍ଦ୍ଧିତ ୟୁରାନିୟମ ଦରକାର ହୋଇଥାଏ। ତେଣୁ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ମଧ୍ୟ ଆମେରିକାର ଆକ୍ରମଣ ସନ୍ଦେହଜନକ। ଏବେ ଟ୍ରମ୍ପଙ୍କ ଏହି ପଦକ୍ଷେପର ସମୟ ଓ କିଛି ସମ୍ଭାବ୍ୟ କାରଣ ଉପରେ ଆଖି ପକାଯାଉ। ଦର୍ଶନ ଶାସ୍ତ୍ରରେ ଗୋଟିଏ ନିୟମ ଅଛି। ଏହାର ନାମ "ଓକାମସ୍ ରେଜର"। ଏହି ତତ୍ତ୍ୱଟି ସମସ୍ୟାର ସମାଧାନ ସମ୍ପର୍କିତ ଅଟେ। ଏହା ଅନୁଯାୟୀ ଯେକୌଣସି ସମସ୍ୟାର ସମାଧାନ ସଦାସର୍ବଦା କ୍ଷୁଦ୍ର, ସରଳ ଓ ସିଧାସଳଖ ତଥ୍ୟକୁ ନେଇ କରାଯିବା ଦରକାର। ଏହାକୁ ମଧ୍ୟ କୁହାଯାଏ "ଲ ଅଫ୍ ପାର୍ସିମୋନି"। ଏହା ଅନୁଯାୟୀ ଟ୍ରମ୍ପଙ୍କ ଏହି ଆକ୍ରମଣର ମୁଖ୍ୟ କାରଣ ସରଳ ଭାଷାରେ, ଇରାନକୁ ଆଣବିକ ଶକ୍ତିରୁ ବଞ୍ଚିତ କରିବା ଓ ସେଠାରେ କ୍ଷମତା ଓ ଶାସନ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଘଟାଇବା। ଏଥିପାଇଁ ଟ୍ରମ୍ପ ଇରାନର ବିଦ୍ରୋହୀ ଜନତାଙ୍କୁ ଆହ୍ୱାନ କରିଥିଲେ କି, ସେମାନେ ଇସଲାମୀୟ ସରକାରକୁ କବ୍‌ଜା କରି ଏହାକୁ ଧ୍ୱଂସ କରନ୍ତୁ। ଆଗାମୀ ଶତାବ୍ଦୀ ପାଇଁ ଏହା ସେମାନଙ୍କ ପକ୍ଷରେ ଏକ ସୁବର୍ଣ୍ଣ ସୁଯୋଗ। ମାତ୍ର ଏଭଳି କହିବା ପରେ ମଧ୍ୟ ଟ୍ରମ୍ପ ପଦକ୍ଷେପ ନେବାରେ ଅପେକ୍ଷାକୃତ ବିଳମ୍ବ କଲେ। ଏହା ମଧ୍ୟରେ ହଜାର ହଜାର ସଂଖ୍ୟାରେ ବିଦ୍ରୋହୀ ଜନତା ନିହତ ହେଲେ। ଅନୁମାନ କରାଯାଉଛି କି ଜାନୁୟାରୀ ମାସରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର ପର୍ଯ୍ୟାପ୍ତ ସୈନ୍ୟ ଓ ଯୁଦ୍ଧ ସାମଗ୍ରୀ ନଥିଲା। ତେଣୁ ଏଗୁଡ଼ିକ ଠୁଳ ହେଲା ପରେ ହିଁ ଟ୍ରମ୍ପ ଆକ୍ରମଣ କରିଛନ୍ତି।

ନ୍ୟୁୟର୍କ ଟାଇମ୍‌ସ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସି.ଆଇ.ଏ ପାଖରେ ଖାମିନୀ ଓ ତାଙ୍କର ଘନିଷ୍ଠ ସହଯୋଗୀମାନଙ୍କର ଗୁପ୍ତ ବୈଠକର ସମୟ ସୂଚନା ଥିଲା। ତେଣୁ ଏହି ସୂଚନାକୁ ଭିତ୍ତିକରି ହିଁ ଆକ୍ରମଣ ହେଲା। ବର୍ତ୍ତମାନ ଟ୍ରମ୍ପଙ୍କର ଦୁଇ ପ୍ରମୁଖ ଘନିଷ୍ଠ ସହଯୋଗୀ ହେଉଛନ୍ତି ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ ଓ ସାଉଦି ଯୁବରାଜ ମହମ୍ମଦ ବିନ ସଲମାନ। ଟ୍ରମ୍ପଙ୍କୁ ଇରାନ ସହ ଚାଲିଥିବା ଶାନ୍ତି କଥାବାର୍ତ୍ତା ବନ୍ଦ କରି ଆକ୍ରମଣ କରିବା ପାଇଁ ପ୍ରବର୍ତ୍ତାଇବା ପଛରେ ନେତ୍ୟାନାହୁଙ୍କର ହାତ ଅଛି ବୋଲି ବିଶ୍ୱାସ କରାଯାଉଛି। ସାଉଦି ଯୁବରାଜ ବିନ ସଲମାନ ଯଦିଓ, ଇରାନ ଆକ୍ରମଣରେ, ଆମେରିକାକୁ ସାଉଦି ଆକାଶ ମାର୍ଗ ବ୍ୟବହାର କରିବାକୁ ଅନୁମତି ଦେଇନଥିଲେ, ଗୁପ୍ତଭାବେ କିନ୍ତୁ ଏହି ଆକ୍ରମଣକୁ ସେ ସମର୍ଥନ କରୁଛନ୍ତି। ଏହି ଆକ୍ରମଣର ଏପ୍‌ଷ୍ଟେନ ଫାଇଲ ସହିତ ସମ୍ପର୍କକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ସୂତ୍ର ଅନୁଯାୟୀ ଡେମୋକ୍ରାଟ୍ ସାଂସଦ ମାନଙ୍କର ଅଭିଯୋଗ ଅନୁସାରେ ଆମେରିକାର ନ୍ୟାୟ ବିଭାଗ କିଛି ସମ୍ବେଦନଶୀଳ ଏପ୍‌ଷ୍ଟେନ ନଥିକୁ ସର୍ବସାଧାରଣ ପାଇଁ ଜାରି କରିନାହିଁ। କାରଣ ଏଥିରେ ରାଷ୍ଟ୍ରପତି ଟ୍ରମ୍ପଙ୍କର ଜନୈକ ନାବାଳିକା / ନାବାଳକଙ୍କୁ ଯୌନ ନିର୍ଯାତନା ଦେବାର ପ୍ରମାଣ ରହିଛି। ଉଭୟ ଟ୍ରମ୍ପ ଓ ଆମେରିକାର ନ୍ୟାୟ ବିଭାଗ ଏହାକୁ ମିଥ୍ୟା ବୋଲି କହି ଖାରଜ କରିଆସୁଛନ୍ତି। ତେଣୁ ଦେଶର ଜନତାଙ୍କର ଧ୍ୟାନ ଏହି ମାମଲାରୁ ହଟାଇବା ପାଇଁ ମଧ୍ୟ ଟ୍ରମ୍ପ ଏହି ସମୟକୁ ଆକ୍ରମଣ ପାଇଁ ବାଛି ଥାଇପାରନ୍ତି। ନିର୍ବାଚନ ପ୍ରଚାର ବେଳେ ଆମେରିକାକୁ ଏହାର ପୁରୁଣା ଯୁଦ୍ଧମାନଙ୍କରୁ ଉଦ୍ଧାର କରି, ଆଉ କୌଣସି ନୂଆ ଯୁଦ୍ଧରେ ଏହାକୁ ସାମିଲ ନ କରାଇବା ପାଇଁ ଟ୍ରମ୍ପଙ୍କର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କର ଅପସାରଣ ପରଠାରୁ, ଟ୍ରମ୍ପ ଯୁଦ୍ଧକୁ ନିଜର ଜୀବନ ସଙ୍ଗୀନୀ କରିଛନ୍ତି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଟ୍ରମ୍ପଙ୍କର ଏହି ପଦକ୍ଷେପଦ୍ୱାରା ଆମେରିକାର ବୈଦେଶିକ ନୀତିରେ, ଅନ୍ୟରାଷ୍ଟ୍ରର ସରକାରଙ୍କର ଅପସାରଣ, ଏକ ପ୍ରକାର ସ୍ଥାୟୀ ମାନ୍ୟତା ପାଇଯାଇଛି। କୁହାଯାଉଛି କି ଏହାକୁ ନେଇ ଆମେରିକାରେ ବିପୁଳ ପରିମାଣର ଅର୍ଥ ଜୁଆଖେଳରେ ବ୍ୟବହୃତ ହେଉଛି। ରଏଟର୍ସ ତରଫରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଖାମିନୀଙ୍କ ଉପରେ ଆକ୍ରମଣ ଓ ତାଙ୍କର ସମ୍ଭାବ୍ୟ ମୃତ୍ୟୁକୁ ନେଇ ପାଖାପାଖି ପାଞ୍ଚଶହ ଅଣତିରିଶ ମିଲିଅନ ଡଲାର ବାଜି ଲାଗିଥିଲା। କାଲିଫର୍ଣ୍ଣିଆର ଡେମୋକ୍ରାଟିକ ନେତା ମାଇକ ଲେଭିନ୍ ମଧ୍ୟ ଏହି ଜୁଆ ଖେଳ କଥାଟିକୁ ସ୍ୱୀକାର କରିଛନ୍ତି। ଏକ ଗୁରୁତର କଥା ମଧ୍ୟ ସେ କହିଛନ୍ତି କି ଜୁଆଡ଼ିମାନେ ଆଗୁଆ ସାମରିକ ନୀତି ବିଷୟରେ ଜାଣିପାରି ପ୍ରଚୁର ମୁନାଫା କମାଉଛନ୍ତି।

ଏବେ ଆସିବା ଇରାନ ପ୍ରସଙ୍ଗକୁ। ଖାମିନୀ କେବେ ବି ସର୍ବସାଧାରଣରେ ନିଜର ଉତ୍ତରାଧିକାରୀ ଘୋଷଣା କରି ନଥିଲେ, ଯାହାକି ଏକ ଅତି ଜଟିଳ ସାମ୍ବିଧାନିକ ସମସ୍ୟା ଇରାନରେ ସୃଷ୍ଟି କରିଛି। ଯଦିଓ ଦେଶର ସର୍ବୋଚ୍ଚ ନେତା ବାଛିବାର ଦାୟିତ୍ୱ ଅଠାଅଶୀ ସଦସ୍ୟ ବିଶିଷ୍ଟ ଆସେମ୍ବ୍ଲି ହାତରେ ନ୍ୟସ୍ତ ଅଛି, ପ୍ରକୃତ ଅର୍ଥରେ କିନ୍ତୁ ଏକ ତିନି ଜଣିଆ କୋର କମିଟି ଏ ବ୍ୟାପାର ବୁଝୁଛି। ଏହି କମିଟିର ସଦସ୍ୟ ହେଉଛନ୍ତି ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ, ରକ୍ଷଣଶୀଳ ନ୍ୟାୟିକ ମୁଖ୍ୟ ଗୋଲାମ ହୋସେନ ମୋହସେନି ଓ ଗାର୍ଡିଏନ କାଉନସିଲର ଆଲିରେଜା ଆରାଫି। ନିବନ୍ଧଟି ଲେଖିବା ବେଳକୁ ଖାମିନୀଙ୍କ ପୁତ୍ର, ମୋଜ୍‌ତାବା ଖାମିନୀ ଇରାନର ଆଗାମୀ ସର୍ବୋଚ୍ଚ ନେତା ପଦରେ ଅଧିଷ୍ଠିତ ହୋଇଛନ୍ତି, ଯାହାକି ଚିରାଚରିତ ଭାବରେ ଆଶା କରାଯାଉଥିଲା। ମୋଜ୍‌ତାବା କେତେ ଦୂର ସଫଳ ହେବେ ତାହା ସମୟ କହିବ କିନ୍ତୁ ଏହା ମଧ୍ୟ ଆଶଙ୍କିତ ଯେ ସର୍ବୋଚ୍ଚ ନେତା ଚୟନରେ ବଂଶବାଦକୁ ନେଇ ଦେଶରେ ଏକ କ୍ଷମତାକନ୍ଦଳ ମଧ୍ୟ ଆରମ୍ଭ ହୋଇପାରେ। ବର୍ତ୍ତମାନ ଇରାନ ଧର୍ମଯାଜକମାନଙ୍କ ଶାସନ ବ୍ୟବସ୍ଥାରୁ ଏକ ସାମରିକ ଶାସନ ବ୍ୟବସ୍ଥା ଆଡ଼କୁ ଗତି କରୁଛି ଏପରି କହିବାର କାରଣ ହେଉଛି ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସର ଦେଶରେ ବଳିଷ୍ଠ ଭୂମିକା।ଏହି ଆଇ.ଆର.ଜି.ସି. ସାମରିକ ଓ ଅର୍ଥନୈତିକ ଦୃଷ୍ଟିରୁ ଏକ ଅତି ପରିପୁଷ୍ଟ ସଂସ୍ଥା ଏବଂ ଭବିଷ୍ୟତରେ କ୍ଷମତା ପାଇଁ ଲାଳାୟିତ ହୋଇ ଦେଶର ଶାସନ କ୍ଷମତାକୁ ଏହା ସିଧାସଳଖ ନିଜ ହାତକୁ ଆଣିପାରେ। ଏପରି ହେଲେ ଇରାନ ହୋଇଯିବ ଆହୁରି ଭୟଙ୍କର ଓ ଆକ୍ରାମକ।

ଆମେରିକାର ଇରାନ ଉପରେ ଆକ୍ରମଣର ଉଦ୍ଦେଶ୍ୟ କେବଳ ସେଠାରେ ସତ୍ତା ପରିବର୍ତ୍ତନ ନୁହେଁ ବରଂ ଏହାର ଏକ ବୃହତ୍ତର ଲକ୍ଷ୍ୟ ରହିଛି ଯେଉଁଟି ହେଉଛି ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ଆଧିପତ୍ୟ ପ୍ରତିଷ୍ଠା। ଇରାନର ନେତୃବୃନ୍ଦମାନଙ୍କୁ ସମୂଳେ ଧ୍ୱଂସ କରି ୱାଂଶିଂଟନ ଓ ତେଲ ଅଭିଭ୍ ଏକ ସ୍ୱତନ୍ତ୍ର ଡକ୍‌ଟ୍ରାଇନଦ୍ୱାରା ମଧ୍ୟପ୍ରାଚ୍ୟର ଅନ୍ୟ ଆଞ୍ଚଳିକ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରି କ୍ଷମତା ହାତେଇବାକୁ ଚାହାନ୍ତି। ଇରାନ, ବିଦ୍ରୋହୀ ଆତଙ୍କବାଦୀ ଗୋଷ୍ଠୀ ହେଜବୁଲ୍ଲା ଓ ହାଉଥିଙ୍କୁ ସହାୟତା ଦେବା ବନ୍ଦ କରୁ, ଇସ୍ରାଏଲ ଏହା ଚାହୁଁଛି ଓ ଏହା ସାଧିତ ହେବା ପାଇଁ ଟ୍ରମ୍ପ ପ୍ରଶାସନ ଉପରେ ଚାପ ମଧ୍ୟ ପ୍ରୟୋଗ କରୁଛି। ଇରାନ ଆକ୍ରମଣର ସମୟ ମଧ୍ୟ ବେଶ ନିର୍ଣ୍ଣାୟକ। କାହିଁକି ନା ଡାଭୋସ୍‌ଠାରେ ଟ୍ରମ୍ପଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡର ପ୍ରଥମ ବୈଠକର ଦଶ ଦିନ ପରେ ଏହି ନିରାପତ୍ତା ଆକ୍ରମଣ ସଂଘଟିତ ହୋଇଛି। ମିଳିତ ଜାତିସଂଘର ନିରାପତ୍ତା ପରିଷଦର ଏକ ସମାନ୍ତରାଳ ଅନୁଷ୍ଠାନ ହେଉଛି ଟ୍ରମ୍ପଙ୍କ ପ୍ରସ୍ତାବିତ ଏହି ବୋର୍ଡ଼। ଗୋଟିଏ ପଟେ ଟ୍ରମ୍ପଙ୍କ ଏହି ଶାନ୍ତି ବୋର୍ଡ଼ ଗାଜାରେ ଉତ୍ତେଜନା ଓ ସଂଘର୍ଷ ହ୍ରାସ କରି ଏହାର ପୁନର୍ଗଠନକୁ ଗୁରୁତ୍ୱ ହେଉଥିବା ବେଳେ, ଅନ୍ୟ ପକ୍ଷରେ ତେହେରାନରେ ଧ୍ୱଂସାତ୍ମକ କାର୍ଯ୍ୟକୁ ମଧ୍ୟ ରାଜନୈତିକ ସମର୍ଥନ ଦେଉଛି। ଏହା ଏକ ବିରୋଧାଭାସ ନୁହେଁ କି ? ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟ ବର୍ତ୍ତମାନ ବହୁଦିଗରୁ ଅଶାନ୍ତ। ଆକ୍ରମଣର ଜବାବ ଦେବାକୁ ଯାଇ ଆଇ.ଆର.ଜି.ସି. ଆମେରିକାର ସାମରିକ ଘାଟିଥିବା ଦେଶ ଯେପରିକି କୁଏତ୍, ବାହାରିନ୍, କାତାର, ୟୁଏଇ, ସାଉଦି ଆରବ, ଇରାନ ଓ ଜୋର୍ଡ଼ାନକୁ ଟାର୍ଗେଟ୍ କରିଛି। କୁଏତରେ ଆମେରିକାର କିଛି ସୈନ୍ୟ ମଧ୍ୟ ଏ ଭିତରେ ନିହତ ହୋଇଛନ୍ତି। ଇରାନ ମଧ୍ୟ ଇସ୍ରାଏଲ ଓ ମଧ୍ୟସ୍ଥତାର ଭୂମିକା ନେଇଥିବା ଓମାନକୁ ଟାର୍ଗେଟ କରିବାରୁ ପଛେଇ ନାହିଁ। ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍ ବର୍ତ୍ତମାନ ବନ୍ଦ। ଯଦିଓ ଏହାର ବିକଳ୍ପ ଭାବେ ସାଉଦି ଆରବ ଓ ୟୁଏଇ ପାଖରେ ପୂର୍ବ-ପଶ୍ଚିମ ତୈଳ ପାଇପ୍ ଲାଇନ (ଇରାନ - ଇରାକ ଯୁଦ୍ଧ ସମୟରେ ହୋରମୁଜର ବିକଳ୍ପ ଭାବେ ନିର୍ମିତ ହୋଇଥିଲା) ଓ ଫୁଜାଇରା ଟର୍ମିନାଲ ଅଛି ଏମାନେ କିନ୍ତୁ ହୋରମୁଜର ପୂର୍ଣ୍ଣକାଳୀନ ବିକଳ୍ପ ହୋଇ ପାରିବେ ନାହିଁ। ଭାରତ ପାଇଁ ମଧ୍ୟ ଆଗକୁ ପରିସ୍ଥିତି ବେଶି ଅନୁକୂଳ ଦେଖାଯାଉନାହିଁ। ଷ୍ଟ୍ରେଟ୍ ଅଫ୍ ହୋରମୁଜକୁ ଛାଡ଼ିଦେଲେ ଭାରତ ପାଇଁ ଅନ୍ୟ ଦୁଇଗୋଟି ସମସ୍ୟା ହେଉଛି ମଧ୍ୟପ୍ରାଚ୍ୟ ଓ ଇରାନରେ ଅବସ୍ଥିତ ମାନବ ସମ୍ବଳର ସୁରକ୍ଷା ଓ ଚାବାର ବନ୍ଦରର ଭବିଷ୍ୟତ। ମଧ୍ୟ ଏସିଆରେ ପ୍ରବେଶ ନିମନ୍ତେ ଚାବାର ବନ୍ଦର ଥିଲା ଭାରତ ପାଇଁ ଏକ ବହୁ ପ୍ରତୀକ୍ଷିତ ପ୍ରକଳ୍ପ। କିନ୍ତୁ ଟ୍ରମ୍ପଙ୍କର ଟିକସ ଧମକ ପରେ ଭାରତ ଏଥିରୁ ଓହରି ଆସିବା, ବର୍ତ୍ତମାନ ଲଗାଇ ଦେଇଛି ଏହି ପ୍ରକଳ୍ପ ଉପରେ ଏକ ପ୍ରଶ୍ନଚିହ୍ନ।

ରୁଷିଆ ଓ ଚୀନ ମଧ୍ୟ ଆମେରିକାର ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛନ୍ତି ଏବଂ ଏସିଆରେ ଅଶାନ୍ତି ସୃଷ୍ଟି କରିବାର ଆରୋପ ଟ୍ରମ୍ପଙ୍କ ଉପରେ ଲଗାଇଛନ୍ତି। ଆମେରିକାରେ ମଧ୍ୟ ଟ୍ରମ୍ପ ଜନସାଧାରଣ ଓ ବିରୋଧୀ ଡେମୋକ୍ରାଟ ସାଂସଦମାନଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହେଉଛନ୍ତି। ଟ୍ରମ୍ପଙ୍କର ମାଗା (ମେକ ଆମେରିକା ଗ୍ରେଟ ଏଗେନ୍) ଚିନ୍ତାଧାରାକୁ ଇରାନ ଆକ୍ରମଣ ଧକ୍କା ସଦୃଶ ହୋଇଛି। ଖାମିନୀଙ୍କ ମୃତ୍ୟୁ ଇରାନ ସମସ୍ୟାର ସମାଧାନ ତ କରିନାହିଁ ବରଂ ଏହାକୁ ଆନ୍ତର୍ଜାତିକରଣ କରିଛି। ଏହାର ସାମରିକ ଆନୁଷ୍ଠାନ ଆଇ.ଆର.ଜି.ସି ଉପରେ ବର୍ତ୍ତମାନ ବିଶ୍ୱ ସମୂହର ଦୃଷ୍ଟି ରହିଛି।

ଆୟାତୋଲ୍ଲା ଅଲ୍ଲି ଖାମିନୀ ନିଜ ଶାସନକାଳ ଭିତରେ ଏକ ଲକ୍ଷରୁ ଅଧିକ ଲୋକଙ୍କର ଗଣହତ୍ୟା କରିଥିଲେ ଏବଂ ଏବେ ହୋଇଥିବା ବିଦ୍ରୋହରେ ତାଙ୍କ ନିର୍ଦ୍ଦେଶରେ ଚାଳିଶ ହଜାରରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଥିଲା। ତେଣୁ ତାଙ୍କୁ ଏ ପ୍ରାବନ୍ଧିକ ଆଧୁନିକ ଯୁଗର ଏକଛତ୍ରବାଦୀମାନଙ୍କ ମଧ୍ୟରୁ ଜଣେ ବୋଲି ଭାବେ।

୨୦୨୨ ମସିହାରେ ଇରାନର ମହିଳା ଡାକ୍ତର ଆଇଦା ରୋସ୍ତାମିଙ୍କୁ ନିଷ୍ଠୁରତାର ସହ ହତ୍ୟା କରାଯାଇଥିଲା। ତାଙ୍କର ଅପରାଧ ଥିଲା ଆନ୍ଦୋଳନରେ ଆହତ ଜନତାଙ୍କର ସେବା କରିବା। ଏହାର ମୁଖ୍ୟ କାର୍ପଟଦାର ଥିଲେ ଖାମିନୀ। ତେଣୁ ତାଙ୍କୁ ନିପାତ କରିଥିବାରୁ ଇସ୍ରାଏଲ ଓ ଆମେରିକାକୁ ଏ ପ୍ରାବନ୍ଧିକ ହୃଦୟରୁ ଧନ୍ୟବାଦ ଅର୍ପଣ କରୁଛି। ଇସ୍ରାଏଲ ଓ ଇରାନ ମଧ୍ୟରେ ଏକ ପୁରାତନ ଭାବଗତ ସମ୍ପର୍କ ରହିଆସିଛି। ସେଇଟି ହେଉଛି, ଖ୍ରୀଷ୍ଟପୂର୍ବ ୫୩୯ ରେ ରାଜା ସାଇରସ୍ ଦି ଗ୍ରେଟ ବାବିଲୋନ ଅଧିକାର କରି ସେଠାରେ ନିବାସ କରୁଥିବା ଇହୁଦୀମାନଙ୍କ ଉପରେ କୌଣସି ଅତ୍ୟାଚାର କରିନଥିଲେ ଓ ସେମାନଙ୍କୁ ଜେରୁଜେଲମ ଯିବା ପାଇଁ ଅନୁମତି ଦେଇଥିଲେ। ଆଜି ଇସ୍ରାଏଲ ଖାମିନୀ ରୂପୀ ଦାନବଠାରୁ ଇରାନକୁ ଉଦ୍ଧାର କରି ସେହି ପୁରାତନ ସମ୍ପର୍କର ପୁନରାବୃତ୍ତି କରିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଉଷାରାଣୀର ଶୋଭା

**ପବିତ୍ର କୁମାର ସାହୁ**

ପ୍ରାଚୀଭାଗେ ରବି ମୁଣ୍ଡ ଟେକିଲାଣି
ଅରୁଣିମା ପାଟ ପିନ୍ଧି।
ତାମ୍ରବର୍ଣ୍ଣ କେଶେ ରକ୍ତିମ କୁସୁମ
ଦେଇଛି ଗଭାରେ ଛନ୍ଦି।୧॥
ଲୋହିତ ପାଟଳ କର୍ଣ୍ଣର କୁଣ୍ଡଳ
ନାସିକାରେ କୃଷ୍ଣଚୂଡ଼ା ।
କଣ୍ଠେ ରକ୍ତପଦ୍ମ ହାର ଲମ୍ବିଅଛି
କି ଅବା କନ୍ଦର୍ପ ଲୋଡ଼ା ? ।।୨॥
ମଣିବନ୍ଧେ ଗେଣ୍ଡୁ ପାଦରେ ପଳାସ
ମଥାରେ ମୋହୁଛି ଜବା ।
ସରଗ ରାଇଜୁ ଓହ୍ଲାଇ ଆସିଛି
ସତେ କି ଉର୍ବଶୀ ରମ୍ଭା ?॥୩॥
ଶୈଳଦ୍ରୁମ ଅଙ୍କୁ ବିହଙ୍ଗେ ସାନନ୍ଦେ
ଗଲେଣି ଗଗନେ ଉଡ଼ି।
ପକ୍ଷୀକୂଜନର ନୂପୁର ଭ୍ରମରେ
ଆସୁଛି କି ଉଷା ମାଡ଼ି ? ॥୪॥
ନିଶା ଅବସାନେ ସବୁଜିମା ଶୋଭେ
ବନ ନଗ ଧରାତଳ।
ବାୟସ ରାବରେ କୁକ୍କୁଟ ସ୍ୱନରେ
ସଂଜୀବିତ ଉଷା କାଳ ॥୫॥
ବୁଦା ଉହାଡରେ ବିଲୁଆ ନନା ମୋ
ପାହାନ୍ତିଆ ଡାକ ଡାକେ।
ବାଇଚଢେଇର କିଚିରି ମିଚିରି
ହସ ଭରେ ହୃଦଯାକେ ।।୬॥
ସକାଳୁ ସକାଳୁ ଚଷାଭାଇ ଚିତ୍ତ
କ୍ଷେତଦେଖି ଆନନ୍ଦିତ।
ଗାଈ ଗୁହାଳରୁ ହମ୍ବାରଡ଼ି ଛାଡ଼ି
ବଉଳାଟି ଉତ୍ପାତ ॥୭॥
ସୁରୁଜ ଉଇଁବା ଦେଖି ନବବଧୂ
ଝଅଟ ସ୍ନାହାନ ସାରେ।
ଭକ୍ତିଭାବ ରଖି ହୃଦୟ କନ୍ଦରେ
ତୁଳସୀ ପୂଜନ କରେ ॥୮॥
ତପନ ପ୍ରକାଶେ ପଙ୍କଜ ହରଷେ
ନୀରେ ଢଳ ଢଳ ହୋଇ।
ମଧୁ ଲାଳସାରେ ମଧୁମକ୍ଷୀ ଚୁମେ
ଫୁଲରୁ ଫୁଲକୁ ଡେଇଁ ।।୯॥
ପୁଷ୍ପ ଆଭୂଷଣେ ଆଭୂଷିତ ହୋଇ
ନବବଧୂ ଉଷାରାଣୀ ।
ଧରଣୀ ବକ୍ଷକୁ ଓହ୍ଲାଇ ଆସିଛି
ହିତଅର୍ଥେ ମହୀପ୍ରାଣୀ ।।୧୦॥


ଗ୍ରାମ/ପୋ- ଅତାସାହି
ଥାନା- ଘଷିପୁରା
ଜିଲ୍ଲା- କେନ୍ଦୁଝର
ମୋ: ୯୭୭୭୫୬୦୯୨୧


## ପଳାଶ ଫୁଲ

**ଜଗଦୀଶ ସାହୁ**

ଲାଲ ଟହଟହ ପଳାଶ ଫୁଲ
ରୁପରେ ରଙ୍ଗରେ କେ ହେବ ତୁଲ
ନ ଥାଉ ବାସ
ଫଗୁଣ ମାସ
ଓଢଣୀ କରିଛି ଦେଖିବ ଆସ ।
ବାଟୋଇର ପାଦ ଅଟକି ଯାଏ
ଦଣ୍ଡେ ହେଉ ପଛେ ଅନାଇଁ ଥାଏ
ନରମ ଅଙ୍ଗେ
ବହଳ ରଙ୍ଗେ
ରାସ ରଚିଅଛି ବସନ୍ତ ସଙ୍ଗେ ।




ସଂଜପଡା
ହିନ୍ଦୋଳ, ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


## ଘରଖୋଜା

**ସ୍ନିଗ୍ଧା ପଣ୍ଡା**

ଆରମ୍ଭରୁ ମୁଁ ଘରଟେ ଖୋଜୁଛି
ନିଜଲାଗି ଘର
ମୋ ଘର ॥
ମା’ କହିଲା
ଭଲ ଘରଟେ ପାଇବୁ ଯଦି
ଏମିତି ହୁଅ, ସେମିତି ହୁଅ
ହେଲି
ସଣ୍ଣା ଶିଖେ
ଶିଖିଲି
ଉପରକୁ ନୁହେଁ
ତଳକୁ ଦେଖେ
ଦେଖିଲି
ମା’ ଭୁଲିଯାଇଥିଲା
ସେ ବି ଘରଟେ ପାଇନି
ନିଜର ॥
ମା’ ମାନେ ନିରୀହ ପ୍ରାଣୀ
ଘରର ସ୍ୱପ୍ନ ଦେଖାନ୍ତି
ସେଇ ସମାନ ସ୍ୱପ୍ନ
ଯାହା ସେମାନେ ଦିନେ ଦେଖିଥିଲେ
ଘରର ଠିକଣା ବତେଇ ପାରନ୍ତିନି
ଯାହା ସେମାନେ ଖୋଜିଥିଲେ ॥



ଆଉ ମୁଁ ମା’ କଥା ମାନି
ଛାତଟେ ପାଇଛି
କାନ୍ଥଟେ ପାଇଛି
ଚଟାଣଟେ ପାଇଛି
ଅଗଣାଟେ ପାଇଛି
ହେଲେ ଘରଟେ ଖୋଜୁଛି
ମୋ ଘର ॥


ଲହଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦


## ବିରହ ରାଗ

**ଆଦ୍ୟାଶା ମହାପାତ୍ର**

ନିୟତି ନିର୍ଦ୍ଦେଶେ ସ୍ୱର୍ଗ ଦ୍ୱାରରୁ ଫେରିଛି ତୁମକୁ ଦେଖି
ଆଳାପୁଛି ସିନା ଅଧର ମୋହର ବିଳପୁଛି ଦୁଇ ଆଖି,
ହୁତାଶନମୟ ଜୀବନଟା ଏବେ ହାହାକାରେ ହୁତୁହୁତୁ
ମୂକ ମୁଦ୍ରାରେ ଦୃଷ୍ଟି ନିମ୍ମୀଳିତ ବଧୀର ମୁଁ ଏବେ କିନ୍ତୁ ।।

ମୁଁ ଏବେ ପଥର ତୁମେ ଯେ ମୂର୍ତ୍ତି ବିଦେହରେ କୁଟିକାମ
ନାହିଁ ନଥିବା ମୋ ଏକାନ୍ତ ବାସ ଭୋଗେ ନିସ୍ୱ ନିର୍ବାସନ,
ଅରପି ସମୃଦ୍ଧି ନେଇଛ ସମାଧି ଆଶାବରୀ ଅଶରୀରୀ
ଛାଇ ନଥିବା ଏ ଅନ୍ଧାର କୋଠରୀ ହତବମ୍ଭ ହତଶିରୀ ।।

ନାହିଁ ସେ ପରଶ ନାହିଁ ସେ ପୀୟୁଷ ଜୀବନ ଯଜ୍ଞରେ ବିଷ
ଅବସୋସର ବତାସେ ହୃଦେ ମୋ ଅଣଚାଶ ଦୀର୍ଘଶ୍ୱାସ,
କୁଟୀରେ ମୋ ଆଜି କୋହର ସାନ୍ଦ୍ରତା କ୍ରନ୍ଦନ ଅବିରଳ
ବ୍ୟଥାତୁର ମନ ବରଫି ଯାଇଛି ବିବଶ ମୋ ଇହକାଳ ॥

କାଳ ବୈଶାଖୀର କୁଟିଳ କଟାକ୍ଷେ ନିଷ୍ପ୍ରଭ ଭାଗ୍ୟ ରଙ୍ଗ
ଦିଶେ ଗହଗହ ସୀମନ୍ତିନୀ ମାଥେ ଶେଷ ସିନ୍ଦୂର ଦାଗ ।।


ନୂଆପଡା, କଟକ


## ଭାଷାପ୍ରୀତି

**ସୁନନ୍ଦା ମହାନ୍ତି**

ଶବ୍ଦଫୁଲ ଗୁନ୍ଥି ମାଳ
କରିବାକୁ କବିତା ଆକାରେ କବି
ଶବ୍ଦକୁ କରି ଶର ଗନ୍ଧ ଭାର
ସୃଷ୍ଟି କରି ମାରି ତୀର ଭେଦି
କବି କବୀ ଗାନ୍ଧିକ ଏଠି ଛନ୍ଦାଛନ୍ଦି
ସାହିତ୍ୟ ଆଉ କଣ କି ପୃଷ୍ଠାଏ ଲେଖା
ରୂଢ଼ି ଭରା ଚଉପଦୀ ଅବା ଶବ୍ଦ ଶରଭେଦି
ସାହିତ୍ୟ ଅନୁରାଗି ବୁଝେ ଶବ୍ଦ ସରହଦୀ
ନୀଳକଇଁ ଆଖିରେ ଫୁଟାଇ ପାରେ
ପ୍ରେମର କଉମୁଦୀ
ସାହିତ୍ୟ ଭାଷା ପ୍ରୀତିରେ ନାହିଁ ବେଦରଦୀ
ମାଆ ଡାକିଛି ଯିଏ ଭୁଲିବ କି ସିଏ
ଭାଷାର ଅମୋଘ ଯୁଗଳବନ୍ଦୀ
କିଏ ଲେଖୁ ଅବା ପଢୁ ବୁଝୁ ଭାଷାର
ଆଦରେ ଆଖିପତା ଯାଏ ମୁଦି
ନୀଳ ନୀଳ ନୀଳକାନ୍ତି ନୀଳମଣି
ବଇଁଶୀ ବାଦନେ ଥରାଇ ହୃଦୟ ଭେଦି
ଶିଖାନ୍ତି ଭାଷା ସ୍ୱନେ ମାଆ ଆଗମନେ
କାଶତଣ୍ଡୀ ହୁଣ୍ଡୀ ହୁଏ ଛନ୍ଦବାନ୍ଧି
ଯେମିତି ସାଧବ ବୋହୂ ବର୍ଷାରେ
ଯେମିତି ପକ୍ଷୀ ଖରା ଆକାଶରେ
ବଉଦ ଉହାଡ଼େ ମୁହଁ ଲୁଚାଇ ଡାକନ୍ତି
ବଉଦି ବଉଦି ଅର୍ଥ ଜନନୀ ଭଗିନୀ କୁମୁଦି
ଆମ ଗତି ମୁକ୍ତି ଶକ୍ତି ଭାବ ପ୍ରୀତି ମୈତ୍ରୀ
ମାଆ ଅମ୍ବେ ଅମ୍ବା
ଜଗଦମ୍ବା ନାରୀଜାତି ଆଜାଦି
କନ୍ୟାଭ୍ରୂଣ ମହାପାପ ନାଶି ମାଆ ଦୁର୍ଗା
ଅଶ୍ୱମେଧ ଯଜ୍ଞରେ ଆହୁତି ଇତି ଛନ୍ଦିବାନ୍ଧି
ଦିଅ ମାଆ ସଦବୁଦ୍ଧି ଢାଳି ସିଦ୍ଧି ବିଧି ରିଦ୍ଧି
ଗତି ସଂହତି ସଂସ୍କୃତି ପରମ୍ପରା ପ୍ରଥାରୁ
ଜଳିଯାଉ ସବୁ ଆବର୍ଜନା ରଦ୍ଧି


ସାକ୍ଷୀଗୋପାଳ
ପୁରୀ
ମୋ : ୯୦୪୦୯୭୭୩୨୭


## କସୁମ ପତ୍ର

**ଦଶରଥ ମାଝୀ**

କସୁମ ପତ୍ର କଅଁଳି କରି
ଦିଶୁଛି କେତେ ଲାଲ
ସତେ ଯେମିତି ମନେ ହେଉଛି
ଗଛେ ଫୁଟିଛି ଫୁଲ (୧)
ଚଇତ୍ର ମାସେ ବଣପାହାଡ଼େ
କସୁମ ପତ୍ର ଡାଳ
କଅଁଳି ଅଛି ସୁନ୍ଦର କରି
ଦେଖିବା ଆସ ଚାଲ (୨)
ସିନ୍ଦୁର ପରି ରଙ୍ଗ ମାଖିଛି
ମନ ନେଉଛି କିଣି
ଥୁଣ୍ଟାଗଛରେ ଦେଖାଯାଉଛି
ଲାଲ ଓଢଣୀ ଟାଣି (୩)
ପିମ୍ପୁଡି ଦଳ ବସା କରନ୍ତି
କସୁମ ପତ୍ର ଦେଖି
ଗୁଣ୍ଡୁଚିମୂଷା ବୁଲିବା ସହ
ଉଡି ବୁଲନ୍ତି ପକ୍ଷୀ (୪)
କେତେ ସୁନ୍ଦର ଦିଶୁଛି ସତେ
କସୁମ ପତ୍ର ପାଇଁ
ବସନ୍ତଋତୁ ସମୟ ବେଳେ
ହସାଏ ବନ ଭୂଇଁ (୫)




କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨


## ଧୂସର ସ୍ୱପ୍ନର ବିଳାପ

**ଶରତ କୁମାର ଦାସ**

ଜୀବନ କ’ଣ ଏମିତି ଏକ
ବୈଶାଖର ମୁଣ୍ଡଫଟା ଝାଂଜିର ଡହକ ?
ନା ସଂଜ ନଆସୁଣୁ ଝଡ଼ିପଡୁଥିବା
କୋଉ ଏକ ମଉଳା ଫୁଲର ମହକ ?

ଯେତେ ଚେଷ୍ଟା କଲେ ବି ଏବେ
ପଢ଼ିହୁଏନି ଆକାଶର ଅଙ୍ଗନରେ
ମିଟିମିଟି କରୁଥିବା ତାରାମାନଙ୍କର ଭାଷା ।

ସମୁଦ୍ର ଗର୍ଭରେ ପଇଁତରା ମାରୁଥିବା
ଉତ୍ତାଳ ଢେଉକୁ ନା ଗଣିହୁଏ କେବେ
ନା ପବନର ପାଦକୁ ଆଗପରି
ବାନ୍ଧିହୁଏ ଶକ୍ତ ଦଉଡ଼ିରେ ।

ଆଉ ପ୍ରଜାପତିର ଜଖମ ଡେଣାରେ
ରଙ୍ଗ ମାଖି କି ଲାଭ ଯେ !

ଏବେ ତ ସମୟ ଲେଖିଲାଣି
ହସଲୁହର ଶେଷ ଇସ୍ତାହାର
ନୈରାଶ୍ୟର ତୃଷ୍ଣାରେ ଉବୁଟୁବୁ ହେଉଥିବା
ଶୁଖିଲା ସମୁଦ୍ରର ଇତିବୃତ୍ତ।

ଦେହର ଦେହଳୀକୁ ଭାଙ୍ଗି
ଧସେଇ ପଶିଲାଣି ପୁଳାପୁଳା
ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ କିରଣ।

ଘେରିରହିଚି ଚତୁର୍ଦ୍ଦିଗେ ଯାହା ଗୋଟେ
ଧୂଆଁଳିଆ ଆକାଶତଳେ
ବିଷାକ୍ତ ଜୀବଜନ୍ତୁରେ ଭରା ନିଘଞ୍ଚ ଅରଣ୍ୟ ।

ପୁଣି ସବୁରି ଅଲକ୍ଷ୍ୟରେ କ୍ଷତବିକ୍ଷତ କରେ
ଗୋଟିଏ ଖଣ୍ଡିଆଭୂତର ବିକଟାଳ ଦୃଶ୍ୟ
ଆଉ ତା ରୁକ୍ଷ ସମ୍ମୋହନ।

ଏବେ କାହିଁ କାନେ ପିଟିହୁଏ ବାରମ୍ବାର
ବଡ଼ିପଟ ଉଇହୁଙ୍କାର କରୁଣ ଚିତ୍କାର।
ପୁଣି କେବେ ନିଶାର୍ଦ୍ଧରେ ଖେଳିଯାଏ
କୋଉ ଏକ ପ୍ରବଞ୍ଚିତ କପୋଳକଳ୍ପିତ
କାହାଣୀର ଅସ୍ପଷ୍ଟ ଅନ୍ତଃସ୍ୱର।

ଆପଣା ଛାଏଁ ଓହ୍ଲାଇ ଆସେ
ଗୋଟେ ଅସମାହିତ ପ୍ରଶ୍ନ-
କାହାକୁ ନେଇ ଏ ଅବଶିଷ୍ଟ ଜୀବନ !

ଚକମକ ଡେଣାଲଗା ମୁଠାଏ ରଙ୍ଗିନ ସ୍ୱପ୍ନ
ନା ବାସ୍ତବତାର ନିର୍ଘାତ ଚାବୁକ ପ୍ରହାର
ଚିରୁଡ଼ାଏ ସବୁଜ ପ୍ରେମର ସ୍ୱାକ୍ଷର
ନା ମୁଠାଏ ରିକ୍ତ ଯନ୍ତ୍ରଣାର କଣ୍ଟକିତ ସ୍ୱର !

ବିଶ୍ୱାସ ଓ ଅବିଶ୍ୱାସର ତରାଜୁରେ
ଏବେ ଯାହା ଦୋଳାୟମାନ
ବିଖଣ୍ଡିତ ନିଶ୍ୱାସର ରକ୍ତ-ମାଂସ-ହାଡ଼ ।
ଢେଉଢ଼େଉକା ସମୟର ଲହରୀରେ
କିଛି ଧୂସର ସ୍ୱପ୍ନଙ୍କ ଶେଷହୀନ ବିଳାପ
କିଛି ଚରିତ୍ରଙ୍କ ଅସଂଲଗ୍ନ ସଂଳାପ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର


## ପ୍ରତିଶୋଧ

**ମନୋଜ କୁମାର ବେହେରା**

ମାସେ ବିତି ଯାଇଥିଲା ଯା ଭିତରେ
ମୋର ବିବାହିତା ଭଉଣୀ ଘରେ
ଆସି ବସି ଯାଇଥିଲା !
ମୁଁ ପଚାରୁଥିଲି କଣ ହେଇଛିକିରେ ?
କିଛି ତ କହ ! !
ଆଉ ସେ ବାସ୍ ଖାଲି ଟାଳି ଚାଲିଥିଲା ।
ମୁଁ ଆଉ ମା’ତାକୁ ବହୁତ ବୁଝେଇଲୁ
ମଦ ତ ଆଜିକାଲି ସାମାନ୍ୟ କଥା !
ପିଇକରି ତତେ ସେ ମାରୁଛି
ଟିକିଏ ସହିଯା ତୁ ?
କିନ୍ତୁ ଭଉଣୀ ମାନୁ ନ ଥିଲା
ଆଉ ଖାଲି କହୁଥିଲା..
ମୁଁ ବାହାଘର ପୂର୍ବରୁ ଏହି ସର୍ତ୍ତ
ରଖିଥିଲିକି ମଦ ପିଇବା ବାଲା
ବର ମୋର ଦରକାର ନାହିଁ ।
ଦିନେ ସନ୍ଧ୍ୟାବେଳେ
ମଦ ପିଇ କରି ଭିଣେଇ ଦିନେ
ଆମ ଘରକୁ ଆସିଲେ..
ବହୁତ ନାକ ରଗଡିଲେ ଆମ ସାମନାରେ
ବହୁତ କ୍ଷମା ମାଗିଲେ
ବହୁତ ହାତ ମଧ୍ୟ ଯୋଡିଲେ,
ଏତେ ଡ୍ରାମା କଲେ କି ମୋ ଭଉଣୀ
ତାଙ୍କ କଥାରେ ପୁରା ତରଳି ଗଲା..।
ମା’ ଆଉ ବାପା ମଧ୍ୟ ଏହାକୁ ଠିକ୍
ଭାବିଲେକି କଥାକୁ ଆଗକୁ
ବଢେଇବା ଭଲ କଥା ନୁହେଁ !
ଚାଲିଗଲା ଭଉଣୀତା’ଶାଶୁଘରକୁ
ଛଅ ମାସ ବିତିଗଲାଯା’ଭିତରେ
ଏବେ ସେ ଫୋନ୍‌ରେ ସୁନ୍ଦର ଭାବରେ
କଥା ହେଉଥିଲା ଆଉ କେଉଁଠି କିଛି
ଅଭିଯୋଗ ନଥିଲା ତା’ର ସ୍ୱରରେ ।
କିନ୍ତୁ ମୋର ମନ କହୁଥିଲା
କିଛି ତ ଗଡବଡ ଅଛି ।
ଦିନେ ଭଉଣୀଘରକୁ  ବିନା ସୂଚନାରେ
ଯାଇ ପହଞ୍ଚିଗଲି ଆଉ ସେଠି ଦେଖି
ମୁଁ ଆଶ୍ଚର୍ଯ୍ୟ ଚକିତ ହେଇଗଲି..
ଦୁଇଗ୍ଲାସ ପଡିଥିଲା ଫିକା ରଙ୍ଗର
ପାଣିରେ ଭରି କରି ଟେବୁଲ ଉପରେ ।
ଭିଣେଇ ମୋତେ ସାମନାରେ ବସେଇ
ଭୁଜିଆ ପ୍ଲେଟ୍ ହାତକୁ ବଢେଇ ଦେଲେ
କଟା ହେଇଥିବା ଟମାଟୋ ଆଉ
କାକୁଡି କଟା ଆଗରେ ରଖିଦେଲେ ।
ଆଉ ଗୋଟିଏ ଗୋଡ ଉପରେ ଆର ଗୋଡକୁ
ରଖି କରି କହିଲେ..
ତୋ’ର ଭଉଣୀ କୋଉ ସତୀ ସାବିତ୍ରୀ
ଆଉ ମୁଁ କୌଣସି ବଦମାସ ନୁହେଁ ଯେ
ସବୁ ଅପମାନକୁ ଭୁଲି ଯିବି !
ସେଦିନ ପର ଠାରୁ ଆଜି ପର୍ଯ୍ୟନ୍ତ
ଭଉଣୀର ଫୋନ୍ ତ ଆସୁଥାଏ
କିନ୍ତୁ ତାହାର ମଧୁର ସ୍ୱରସବୁ
କୁଆଡେ ଉଭାନ ହେଇ ଯାଇଥିଲା..
ମୋର ମୁଣ୍ଡରେ ଖାଲି ଘୂରିତ
ହେଉଥିଲା କେବଳ ଗୋଟିଏ ଶବ୍ଦ
ପ୍ରତିଶୋଧ ! ପ୍ରତିଶୋଧ ! ପ୍ରତିଶୋଧ ॥




ବାୟାବାବାମଠ ଲେନ୍,
ପ୍ଲଟ ନମ୍ବର- ୨୧୭/ପି,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ମାର୍ଚ୍ଚ, ଶୁକ୍ରବାର, ୨୦୨୬
ପୃଷ୍ଠା – ୬

# ଭାରତ-ପାକିସ୍ତାନ ସମେତ ୨୦ ଦେଶ ଉପରେ ଟଙ୍କା ବର୍ଷା କଲା ଆଇସିସି

**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ହୋଇଥିଲା। ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଭାରତ ଟାଇଟଲ ଜିତିଥିଲା। ୨୦୨୬ ଟି ୨୦ ବିଶ୍ୱକପରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପହଞ୍ଚିଥିଲେ। ୨୦୨୬ ବିଶ୍ୱକପ ସମାପ୍ତ ହେବା ପରେ, ଆଇସିସି ପୁରସ୍କାର ରାଶି ଘୋଷଣା କରିଥିଲା।

ଚାମ୍ପିୟନ ଇଣ୍ଡିଆ ପ୍ରାୟ ୨୪.୨୮ କୋଟି ପାଇଥିବାବେଳେ ରନର୍ସଅପ ନ୍ୟୁଜିଲାଣ୍ଡ ୧୩.୦୯ କୋଟି ପାଇଥିଲା। ଦକ୍ଷିଣ ଆଫ୍ରିକା ୯.୨୫ କୋଟି, ଇଂଲଣ୍ଡ ୮.୯୬ କୋଟି ପାଇଛି। ପାକିସ୍ତାନର ଯାତ୍ରା ସୁପର ୮ ପର୍ଯ୍ୟାୟରେ ଶେଷ ହୋଇଥିଲା। ପାକିସ୍ତାନ ଆଇସିସିରୁ ୪.୫୨ କୋଟି ପାଇଛି। ସେହିପରି ଇଟାଲୀ, ନେଦରଲ୍ୟାଣ୍ଡ, ୟୁଏଇ ଏବଂ ନେପାଳ ୨.୩୬ କୋଟି ପାଇଥିବା ଜଣାପଡ଼ିଛି।



## ବିସିସିଆଇ ଆୱାର୍ଡ

# କ୍ରିକେଟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହେବେ ଶୁଭମନ ଗିଲ୍

**ନୂଆଦିଲ୍ଲୀ**

୨୦୨୬ ଟି-୨୦ ବିଶ୍ୱକପ୍ ଜିତିବା ପରେ, ଭାରତୀୟ କ୍ରିକେଟ୍ ଟିମ୍ ଖୁବ୍ ଶୀଘ୍ର ସମ୍ମାନିତ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ରେକର୍ଡ ତୃତୀୟ ଥର ପାଇଁ ଟି-୨୦ ଟ୍ରଫି ଜିତିଥିଲା। ତଥାପି ଏଥର ବିଶ୍ୱକପ୍ ଜିତିବା ପରେ ଟିମ୍ ଇଣ୍ଡିଆ ପୂର୍ବ ଟାଇଟଲ୍ ପରି ବିଜୟ ପରେଡ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେବେ ବିସିସିଆଇ ଏହାର ବାର୍ଷିକ ପୁରସ୍କାର ସମାରୋହରେ ଏହାର କ୍ଷତିପୂରଣ ଦେବାକୁ ଯାଉଛି, ଯେଉଁଠାରେ ଦଳକୁ ସମ୍ମାନିତ କରାଯିବ। ଅନ୍ୟ ଭାରତୀୟ କ୍ରିକେଟ୍ ତାରକାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ଏବଂ ଏଥର ସବୁଠାରୁ ବଡ଼ ପୁରସ୍କାର ଅଧିନାୟକ ଶୁଭମନ ଗିଲଙ୍କୁ ଦିଆଯିବ। ଟେଷ୍ଟ ଏବଂ ଦିନିକିଆ ଅଧିନାୟକ ଗିଲଙ୍କୁ ପୂର୍ବ ବର୍ଷ ପାଇଁ କ୍ରିକେଟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯିବ।




ରବିବାର ମାର୍ଚ୍ଚ ୧୫ ତାରିଖରେ, ବିସିସିଆଇ ନୂଆଦିଲ୍ଲୀରେ "ନମନ" ପୁରସ୍କାର ଆୟୋଜନ କରିବ। ବୋର୍ଡ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ବର୍ଗରେ ଖେଳାଳି, ପୂର୍ବତନ ଖେଳାଳି, ପ୍ରଶିକ୍ଷକ ଏବଂ ଅମ୍ପାୟାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ଏହି ପୁରସ୍କାରଗୁଡ଼ିକ ପୂର୍ବ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଏ। ଚଳିତ ବର୍ଷ, ୨୦୨୫ ମସିହାରେ ଦୃଢ଼ ପ୍ରଦର୍ଶନ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍ ଏବଂ ପୂର୍ବତନ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ସମ୍ମାନିତ କରାଯିବ।

ଏକ ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଟେଷ୍ଟ ଏବଂ ୱାନଡେରେ ଟିମ୍ ଇଣ୍ଡିଆର ଅଧିନାୟକ ନିଯୁକ୍ତ ହୋଇଥିବା ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍‌ଙ୍କୁ ବର୍ଷର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପ୍ରଦାନ କରାଯିବ। ଗିଲ୍‌ଙ୍କୁ ମୁଖ୍ୟତଃ ଟେଷ୍ଟ କ୍ରିକେଟ୍‌ରେ ତାଙ୍କର ସ୍ମରଣୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ। ଅଧିନାୟକ ହେବା ପରେ, ଗିଲ୍ ଇଂଲଣ୍ଡ ଗସ୍ତରେ ତାଙ୍କର ଡେବ୍ୟୁ ସିରିଜ୍‌ରେ ଚାରି ଶତକ ସହିତ ରେକର୍ଡ ୭୫୪ ରନ୍ କରିଥିଲେ। ସେ ଗତ ବର୍ଷ ଭାରତର ଚାମ୍ପିଅନ୍ସ ଟ୍ରଫି ଟାଇଟଲ୍ ବିଜୟରେ ମଧ୍ୟ ଅବଦାନ ରଖିଥିଲେ, ଏକ ଶତକ କରିଥିଲେ। ଯଦିଓ ଗତ ବର୍ଷ ଟି-୨୦ ଫର୍ମାଟରେ ତାଙ୍କ ପାଇଁ ବିଶେଷ ଭଲ ନଥିଲା, ସେ ତିନୋଟି ଫର୍ମାଟରେ ୪୨ ଇନିଂସରେ ୪୯ ହାରରେ ମୋଟ ୧୭୬୪ ରନ୍ କରିପାରି ଥିଲେ, ଯେଉଁଥିରେ ସାତ ଶତକ ଏବଂ ତିନୋଟି ଅର୍ଦ୍ଧଶତକ କରିଥିଲେ।

ପୂର୍ବତନ ଭାରତୀୟ ଅଧିନାୟକ ଏବଂ ପ୍ରଶିକ୍ଷକ, କିମ୍ବଦନ୍ତୀ ବ୍ୟାଟସ-ମ୍ୟାନ୍ ରାହୁଲ ଦ୍ରାବିଡଙ୍କୁ ସିକେ ନାୟୁଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବ। ଟେଷ୍ଟ କ୍ରିକେଟରେ ଭାରତର ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ଦ୍ରାବିଡଙ୍କୁ ଖେଳାଳି ଏବଂ ପ୍ରଶିକ୍ଷକ ଭାବରେ ତାଙ୍କର ସଫଳତା ଏବଂ ଅବଦାନ ପାଇଁ ସମ୍ମାନିତ କରାଯିବ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ଆସିଲା ସଙ୍ଗୀନ ଅଭିଯୋଗ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ଲଗାତାର ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିଛି। ଟିମ୍ ଇଣ୍ଡିଆ ଅହମ୍ମଦାବାଦରେ ଖେଳାଯାଇଥିବା ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ରେକର୍ଡ ତୃତୀୟ ଥର ପାଇଁ ଟ୍ରଫି କବ୍‌ଜା କରିଛି। ଟିମ୍ ଇଣ୍ଡିଆର ଖେଳାଳିମାନେ ଏହି ବିଜୟ ସେଲିବ୍ରେସନରେ ମାତିଛନ୍ତି ଏବଂ ନିଜ ଘରକୁ ଫେରିଛନ୍ତ। ଟାଇଟଲ ଜିତିବାର ମାତ୍ର ତିନି ଦିନ ପରେ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜକୁ ଅସୁବିଧାରେ ପକାଇଛନ୍ତି। ପୁଣେର ଜଣେ ଓକିଲ ହାର୍ଦ୍ଦିକଙ୍କ ବିରୋଧରେ ପୋଲିସ ଅଭିଯୋଗ ଦାଖଲ କରିଛନ୍ତି। ଏଥିରେ ସେ ଜାତୀୟ ପତାକାକୁ ଅପମାନ କରିଥିବା ଅଭିଯୋଗ କରିଛନ୍ତି।

ପୁନେର ଶିବାଜୀନଗର ପୋଲିସ ଷ୍ଟେସନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ଏକ ଅଭିଯୋଗ ଦାୟର କରାଯାଇଛି। ସ୍ଥାନୀୟ ଓକିଲ ୱାଜିଦ ଖାନ ଅଭିଯୋଗ କରିଛନ୍ତି, ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ମ୍ୟାଚ୍ ପରେ ସେଲିବ୍ରେସନ ସମୟରେ ଜାତୀୟ ପତାକାକୁ ଅସମ୍ମାନ କରିଛନ୍ତି। ପାଣ୍ଡ୍ୟାଙ୍କୁ ଏକ ମଞ୍ଚରେ ଗର୍ଲଫ୍ରେଣ୍ଡଙ୍କ ସହ ଶୋଇଥିବାର ଦେଖାଯାଇଥିଲା। ଏହି ସମୟରେ ତାଙ୍କ ଶରୀରରେ ଜାତୀୟ ପତାକା ଗୁଡ଼ାଯାଇଥିଲା।

ଅଭିଯୋଗକାରୀ ଏହି ମାମଲାରେ ଭାରତୀୟ କ୍ରିକେଟରଙ୍କ ବିରୋଧରେ ଏଫଆଇଆର ଦାୟର କରିବାକୁ ଦାବି କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଜାତୀୟ ପତାକାକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଏବଂ ଏହି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଯଦିଓ ପୋଲିସ ଏପର୍ଯ୍ୟନ୍ତ ଏଫଆଇଆର ରୁଜୁ କରିନାହିଁ, ସେମାନେ ଏହି ଘଟଣାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଘଟଣା ଫାଇନାଲ ପରେ ଘଟିଥିଲା। ପୁରସ୍କାର ବଣ୍ଟନବେଳେ ସମସ୍ତ ଖେଳାଳି ପଡ଼ିଆରେ ସେମାନଙ୍କ ପରିବାର ସହିତ ବିଜୟ ସେଲିବ୍ରେଶନ କରୁଥିଲେ। ହାର୍ଦ୍ଦିକଙ୍କ ସହିତ ତାଙ୍କ ପ୍ରେମିକା ମାହିକା ଶର୍ମା ମଧ୍ୟ ଥିଲେ। ପ୍ରେମିକାଙ୍କ ସହ ହାର୍ଦ୍ଦିକ ଆଲିଙ୍ଗନ, ଚୁମ୍ବନ ଏବଂ ନାଚୁଥିବାର ଦେଖାଯାଇଥିଲା। ଏହି ସମୟରେ ହାର୍ଦ୍ଦିକ ଏବଂ ମାହିକାଙ୍କୁ ପୋଡିୟମରେ କିଛି ସମୟ ପାଇଁ ଏକାଠି ଶୋଇଥିବା ଦେଖାଯାଇଥିଲା। ଏଠାରେ ହାର୍ଦ୍ଦିକ ତାଙ୍କ ଶରୀରରେ ତ୍ରିରଙ୍ଗା ଗୁଡ଼ାଇ ରଖିଥିଲେ। ଏ ସମ୍ପର୍କରେ ଏବେ ଏକ ଅଭିଯୋଗ ଦାଖଲ କରାଯାଇଛି।

# ଫିକ୍ସିଂ ଅଭିଯୋଗରେ ପୂର୍ବତନ କେକେଆର ଖେଳାଳିଙ୍କୁ ନିଲମ୍ବିତ କଲା ଆଇସିସି

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ଆରମ୍ଭ ହେବା ପୂର୍ବରୁ, କ୍ରିକେଟ ଜଗତ 'ଫିକ୍ସିଂ' ଅଭିଯୋଗରେ ଦୋହଲି ଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳିଥିବା ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଜାଭନ ସିଅର୍ଲସଙ୍କ ବିରୁଦ୍ଧରେ ବହୁ ଦୁର୍ନୀତି ନିବାରଣ କୋଡ୍ ଉଲ୍ଲଂଘନ ଅଭିଯୋଗ ଆଣିଛି। ଆଇସିସିରେ ଅନ୍ୟ ଦୁଇ ଜଣ ଦଳର ଅଧିକାରୀ ଚିତ୍ତରଞ୍ଜନ ରାଠୋର ଏବଂ ଟ୍ରେଭନ ଗ୍ରିଫିଥ ମଧ୍ୟ ସାମିଲ ଅଛନ୍ତି।

ଆଇସିସି ରିଲିଜ୍‌ରେ କୁହାଯାଇଛି ଯେ ଏହି ତିନି ଜଣ ବ୍ୟକ୍ତି ୨୦୨୩/୨୪ ବିମ୍୧୦ ଟୁର୍ଣ୍ଣାମେଣ୍ଟ ସହିତ ଜଡ଼ିତ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି, ଯାହା କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲୁଆଇ) ଦୁର୍ନୀତି ନିବାରଣ କୋଡ ଅଧୀନରେ ଆସେ। ଗ୍ରିଫିଥ ମଧ୍ୟ ଅନ୍ତର୍ଜାତୀୟ ମ୍ୟାଚ ସହିତ ଜଡ଼ିତ ଗୋଟିଏ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି, ଯାହା ଆଇସିସି ଦୁର୍ନୀତି ନିବାରଣ କୋଡ୍ ଅଧୀନରେ ମଧ୍ୟ ଆସେ।




ଏଥିରେ ଆହୁରି କୁହାଯାଇଛି ଯେ ଟାଇଟାନ୍ସ ଦଳର ମାଲିକ ରାଠୋର କ୍ରିକେଟ ୱେଷ୍ଟଇଣ୍ଡିଜ କୋଡ୍ ଅନୁଯାୟୀ ତିନୋଟି ଅଭିଯୋଗର ସମ୍ମୁଖୀନ ହେଉଛନ୍ତି, ଯେତେବେଳେ ସିଅର୍ଲସ ୱେଷ୍ଟଇଣ୍ଡିଜ କ୍ରିକେଟ କୋଡ ଅନୁଯାୟୀ ଚାରୋଟି ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ, ଦଳର ଅଧିକାରୀ ଗ୍ରିଫିଥ ୱେଷ୍ଟଇଣ୍ଡିଜ କ୍ରିକେଟ କୋଡ ଅନୁଯାୟୀ ଚାରୋଟି ଏବଂ ଆଇସିସି କୋଡ୍ ଅନୁଯାୟୀ ଗୋଟିଏ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି।

ବିଜ୍ଞପ୍ତିରେ କୁହାଯାଇଛି ଯେ ତିନି ଜଣଙ୍କୁ ତୁରନ୍ତ ପ୍ରଭାବ ସହିତ ସମସ୍ତ ପ୍ରକାରର କ୍ରିକେଟରୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି ଏବଂ ୧୧ ମାର୍ଚ୍ଚ, ୨୦୨୬ ଠାରୁ ୧୪ ଦିନ ମଧ୍ୟରେ ଅଭିଯୋଗର ଜବାବ ଦେବାକୁ ପଡ଼ିବ।

କ୍ରିକେଟ ୱେଷ୍ଟଇଣ୍ଡିଜ କୋଡର ଧାରା ୨.୧.୧ ଉଲ୍ଲଂଘନ : ୨୦୨୩/୨୪ ବି୧୦ ଟୁର୍ଣ୍ଣାମେଣ୍ଟରେ ମ୍ୟାଚର ଫଳାଫଳ, ପ୍ରଗତି, ଆଚରଣ କିମ୍ବା ଅନ୍ୟ କୌଣସି ଦିଗକୁ ଅନୁଚିତ ଭାବରେ ପ୍ରଭାବିତ କରିବା ପାଇଁ କୌଣସି ଚୁକ୍ତି କିମ୍ବା ପ୍ରୟାସକୁ ପ୍ରଭାବିତ କରିବା କିମ୍ବା ଏଥିରେ ପକ୍ଷ ହେବା।

କ୍ରିକେଟ ୱେଷ୍ଟଇଣ୍ଡିଜ କୋଡର ଧାରା ୨.୧.୪ ଉଲ୍ଲଂଘନ: କ୍ରିକେଟ ୱେଷ୍ଟଇଣ୍ଡିଜ କୋଡର ଅଧୀନରେ ଅପରାଧ କରିବାକୁ ଖେଳାଳି କିମ୍ବା କ୍ରୀଡ଼ା କର୍ମଚାରୀଙ୍କୁ ଉସକାଇବା, ନିର୍ଦ୍ଦେଶ ଦେବା, ଉତ୍ସାହିତ କରିବା କିମ୍ବା ସୁବିଧା ଯୋଗାଇବା।

କ୍ରିକେଟ ୱେଷ୍ଟଇଣ୍ଡିଜ କୋଡର ଧାରା ୨.୪.୪ ଉଲ୍ଲଂଘନ: କ୍ରିକେଟ ୱେଷ୍ଟଇଣ୍ଡିଜ କୋଡର ଅଧୀନରେ ସମ୍ଭାବ୍ୟ ଅପରାଧ ସମ୍ପର୍କରେ ନିଯୁକ୍ତ ଦୁର୍ନୀତି ନିବାରଣ ଅଧିକାରୀ (କିମ୍ବା ସେମାନଙ୍କର ମନୋନୀତ) ଦ୍ୱାରା କରାଯାଇଥିବା ଉପଯୁକ୍ତ ତଦନ୍ତରେ ବିଫଳ ହେବା କିମ୍ବା ସହଯୋଗ କରିବାକୁ ମନା କରିବା। ଏହା ସହିତ ଟ୍ରେଭନ ଗ୍ରିଫିଥଙ୍କ ଉପରେ ଆଇସିସି ଆଚରଣ ସଂହିତା ଉଲ୍ଲଂଘନ ସମେତ ଆଉ ଦୁଇଟି ଅଭିଯୋଗ ଆସିଛି।

# ଫିଫା ବିଶ୍ୱକପ୍‌ରୁ ଓହରିଲା ଇରାନ

**ତେହରାନ୍**

ଇରାନ କ୍ରୀଡ଼ା ମନ୍ତ୍ରୀ ଅହମ୍ମଦ ଡୋନିଆମାଲି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ ଫୁଟବଲ ଦଳ ୨୦୨୬ ଫିଫା ବିଶ୍ୱକପ ଖେଳିବ ନାହିଁ ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଦେଶର ସୁପ୍ରିମ ଲିଡରଙ୍କୁ ହତ୍ୟା କରାଯାଇଥିବାରୁ କୌଣସି ପରିସ୍ଥିତିରେ ଇରାନ ଫିଫା ବିଶ୍ୱକପ୍ ଖେଳିବ ନାହିଁ। ଏପରିକ ଦେଶରେ ଶିଶୁମାନେ ସୁରକ୍ଷିତ ନ ଥିବାରୁ ଇରାନ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବ ନାହିଁ ବୋଲି ଡୋନିଆମାଲି ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ଇରାନ୍-ଆମେରିକା ଯୁଦ୍ଧ ୧୨ ଦିନରେ ପହଞ୍ଚି ଥିଲାବେଳେ ଉଭୟ ପକ୍ଷଙ୍କ ଆକ୍ରମଣ ଜାରି ରହଛି। ପ୍ରଥମେ ତୈଳ ରିଫାଇନେରିଗୁଡିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ। ପରେ ଉପସାଗରୀୟ ଦେଶଗୁଡିକରେ ରହିଥିବା ପ୍ରାୟ ୪୦୦ ୱାଟର ଡି-ସାଲାଇନେଶନ୍ ପ୍ଲାଣ୍ଟଗୁଡିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ।

ଏବେ ଆମେରିକା ଇରାନ୍‌ର ବ୍ୟାଙ୍କ ଉପରେ ଆକ୍ରମଣ କରିବା ପରେ ଇରାନ୍‌ର ଆଇଆରଜିସି ମଧ୍ୟପ୍ରାଚ୍ୟରେ ରହିଥିବା ଆମେରିକାର ବିଭିନ୍ନ ଆର୍ଥିକ ଅନୁଷ୍ଠାନ ଓ ବ୍ୟାଙ୍କଗୁଡିକୁ ଟାର୍ଗେଟ କରି ବୁଧବାର ଆକ୍ରମଣ କରିଛି।



# ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜୁନିଅର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ୨୦୨୬ ଆୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପ୍ରେସ୍ ମିଟ୍‌ରେ ଯୋଗ ଦେଇ ବାସ୍କେଟବଲ୍ ପ୍ରତିଯୋଗିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ମାର୍ଚ୍ଚ ୧୩ ତାରିଖରୁ ମାର୍ଚ୍ଚ ୧୫ ତାରିଖ ଯାଏଁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ପୁରୁଷ ଦଳ ଏବଂ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ। ୧୩ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ମ୍ୟାଚ୍ ଏବଂ ୧୫ ତାରିଖ ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ଆସିଥିବା ଟିମ୍ ଏହି କ୍ରୀଡ଼ାରେ ଭାଗ ନେବେ। ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଯୁଦ୍ଧ ପାଇଁ ହେବନାହିଁ ଆଇପିଏଲ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ମାର୍ଚ୍ଚ ୧୮ ତାରିଖରେ ଆରମ୍ଭ ହେବାକୁ ଯାଉଛି। ବିସିସିଆଇ ମାର୍ଚ୍ଚ ୧୧ ତାରିଖରେ ପ୍ରଥମ ୨୦ ମ୍ୟାଚ ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରିଛି। ପ୍ରଥମ ମ୍ୟାଚ୍ ଆରସିବି ଏବଂ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ତଥାପି ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଇପିଏଲ ଉପରେ ପ୍ରଭାବ ପକାଇପାରେ।

ନିକଟରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଟି୨୦ ବିଶ୍ୱକପ ୨୦୨୬ ଖେଳାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଥିଲା। ଫଳସ୍ୱରୂପ, ଯୁଦ୍ଧ ଯୋଗୁ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ ଦଳକୁ ଅନେକ ଦିନ ଭାରତରେ ରହିବାକୁ ପଡ଼ିଲା। ଉଭୟ ଦଳର ଖେଳାଳିମାନେ ଯଥାଶୀଘ୍ର ଘରକୁ ଫେରିବାକୁ ଚାହୁଁଥିଲେ। ତଥାପି, ଯୁଦ୍ଧ ଯୋଗୁ ଉଭୟ ଦଳକୁ ପ୍ରାୟ ଗୋଟିଏ ସପ୍ତାହ ଭାରତରେ ରହିବାକୁ ପଡ଼ିଲା।

ବିଶ୍ୱର ଅନେକ ଷ୍ଟାର ଖେଳାଳି ଆଇପିଏଲ ୨୦୨୬ରେ ଅଂଶଗ୍ରହଣ କରିବେ। ଏହି ଖେଳାଳିମାନେ ନିଜ ଦେଶରୁ ଭାରତ ଯାତ୍ରା କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଉଭୟ ଦେଶର ଖେଳାଳିମାନେ ସମୟ ମଧ୍ୟରେ ସେମାନଙ୍କ ଦଳକୁ ରିପୋର୍ଟ କରିପାରିବେ କି ନାହିଁ ତାହା ଦେଖିବାକୁ ବାକି ଅଛି। ଯୁଦ୍ଧର ପ୍ରଭାବ ଏବେ ବିଶ୍ୱବ୍ୟାପୀ ଅନୁଭୂତ ହେଉଛି। ଭାରତରେ ହୋଟେଲ ଗୁଡ଼ିକ ମଧ୍ୟ ରନ୍ଧନ ଗ୍ୟାସ୍‌ର ଅଭାବର ସମ୍ମୁଖୀନ ହେଉଛନ୍ତି।

# ବିଚ୍ ରାସ୍ତାରେ ଖଣ୍ଡା ବୁଲାଇ ଭୟଭୀତ କରୁଥିଲା ଦୁର୍ବୃତ୍ତ : କାବୁ କଲା ସୋନପୁର ପୋଲିସ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସହରରେ ବୁଲିଲା ଖଣ୍ଡା। ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ୍। ଲୋକେ କହିଲେ ସାବାସ ପୋଲିସ୍। ବୁଧବାର ରାତି ପ୍ରାୟ ୯.୪୫ରେ ସୋନପୁର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ସାମ୍ନା ତଥା ଠିପି ବନ୍ଦ ମଦ ଦୋକାନ ପାଖରେ ବିଚ୍ ରାସ୍ତାରେ ଜଣେ ନିଶାଖୋର ଯୁବକ ଏକ ବଡ଼ ଖଣ୍ଡା ଧରି ବିଭିନ୍ନ ଢଙ୍ଗରେ ବୁଲାଇବା ସହିତ ତଳେ କଚାଡୁ ଥିଲା ଓ ଲୋକଙ୍କୁ ଭୟଭୀତ କରୁଥିଲା। କିନ୍ତୁ ସୌଭାଗ୍ୟ ବଶତଃ ସୋନପୁର ପୋଲିସ ର ପିସିଆର ଭ୍ୟାନ ସେହି ରାସ୍ତା ଦେଇ ଆସୁଥିବା ବେଳେ ଯୁବକର ଗତିବିଧି ଦେଖି ତା ପାଖକୁ ଯିବା ବେଳେ ଯୁବକ ଜଣକ ନିକଟସ୍ଥ ନାଳରେ ଖଣ୍ଡାଟିକୁ ଫୋପାଡି ଦେଇଥିଲା। ପରେ ପୋଲିସ୍ ନାଳରୁ ବିରାଟ ଖଣ୍ଡାକୁ ଉଦ୍ଧାର କରିବା ସହ ଜବତ କରିଥିଲା। ପରେ ଯୁବକକୁ ସୋନପୁର ଥାନା ଅଧିକାରୀ ଶ୍ରୀ ଯାଦବ ବାଗ ଅଧିକ ପଚରାଉଚରା କରିଥିବା ବେଳେ ଯୁବକଟି ନିଶା ସେବନ ସହ ମାନସିକ ବିକାର ଗ୍ରସ୍ତ ଥିବା ଜଣାପଡିଥିଲା। ପରେ ଯୁବକକୁ ପୁରୁଣା ହସ୍ପିଟାଲ ଠାରେ ଅବସ୍ଥିତ ମାନସିକ ରୋଗୀଙ୍କ ଚିକିତ୍ସା ଓ ଆଶ୍ରୟ ସ୍ଥଳ (ମାମି) ରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି ଆଇଆଇସି ଶ୍ରୀ ବାଗ। ସେପଟେ ସକାଳୁ ବୁଢ଼ାରଜା ମନ୍ଦିର କମିଟିର ଯୁବକମାନେ ଥାନାରେ ପହଞ୍ଚି ମନ୍ଦିରର ଖଣ୍ଡା ଚୋରି ହୋଇଥିବା ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ପାଖରୁ ଜବତ ହୋଇଥିବା ପିତଳ ନିର୍ମିତ ଖଣ୍ଡାକୁ ଚିହ୍ନଟ କରି ଥାନାରୁ ନେଇଥିଲେ।

# ପ୍ରତିରୋଧୀ ସ୍ୱାସ୍ଥ୍ୟସେବାରେ ଯୋଗର ଅଗ୍ରଣୀ ଭୂମିକା



**ପ୍ରତାପରାଓ ଯାଦବ**
ଆୟୁଷ ବିଭାଗର କେନ୍ଦ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ରାଷ୍ଟ୍ରମନ୍ତ୍ରୀ

ବିଗତ ଏକ ଦଶନ୍ଧି ଧରି ଯୋଗ ଏକ ପାରମ୍ପରିକ ନିରାମୟତା ସାଧନ ରୂପେ ବ୍ୟାପକ ମାତ୍ରାରେ ପ୍ରଶଂସିତ ହେବା ସହିତ ସ୍ୱାସ୍ଥ୍ୟ ଏବଂ ନିରାମୟତା ନିମନ୍ତେ ଏକ ପ୍ରମାଣ ଆଧାରିତ ପଦ୍ଧତି ରୂପେ ଆଦୃତି ଲାଭ କରିଆସିଛି। ବୈଜ୍ଞାନିକ ଗବେଷଣା, ଡିଜିଟାଲ ନବାଚାର ଏବଂ ବିଶ୍ୱସ୍ତରୀୟ ସହଯୋଗ ବର୍ତ୍ତମାନ ଯୋଗକୁ କେବଳ ଭାରତର ସାଂସ୍କୃତିକ ଐତିହ୍ୟ ରୂପେ ନୁହେଁ, ଅପରନ୍ତୁ ଏକ ଶକ୍ତିଶାଳୀ ସାର୍ବଜନୀନ ସ୍ୱାସ୍ଥ୍ୟ ହସ୍ତକ୍ଷେପ ରୂପେ ଆମକୁ ବୁଝିବାରେ ସହାୟକ ହୋଇଛି।

ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ (ଏମ.ଡି.ଏନ.ଆଇ.ୱାଇ.)କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁ.ଏଚ.ଓ.)ର ଏକ ସହଯୋଗୀ ପାରମ୍ପରିକ ଔଷଧ କେନ୍ଦ୍ର ଭାବରେ ନାମିତ କରାଯାଇଛି। ଏହା ୨୦୨୫ ଠାରୁ ୨୦୨୯ ମସିହାର ଅବଧି ନିମନ୍ତେ ପୁନଃ ମନୋନୀତ କରାଯାଇ, ଯୋଗ ଗବେଷଣାରେ ଭାରତର ନେତୃତ୍ୱକୁ ଅଧିକ ମଜବୁତ କରିଛି। ଏହି ମାନ୍ୟତା ଅଣ ସଂକ୍ରମିତ ରୋଗ (ଏନ.ସି.ଡ଼ି.) ପାଇଁ ପ୍ରମାଣ ଆଧାରିତ ଯୋଗ ହସ୍ତକ୍ଷେପକୁ ପ୍ରୋତ୍ସାହିତ କରିବାରେ ପ୍ରତିଷ୍ଠାନର କ୍ରମବର୍ଦ୍ଧିଷ୍ଣୁ ଭୂମିକାକୁ ପ୍ରତିଫଳିତ କରେ। ଏହି ପ୍ରୟାସରେ ପ୍ରମୁଖ ଅଂଶୀଦାର ମାନଙ୍କ ମଧ୍ୟରେ ଆୟୁଷ ମନ୍ତ୍ରଣାଳୟ, ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ), ଦିଲ୍ଲୀ, ଲେଡୀ ହାର୍ଡିଞ୍ଜ ମେଡିକାଲ କଲେଜ, କେନ୍ଦ୍ରୀୟ ଗବେଷଣା ପାଇଁ ଉଦ୍ଦିଷ୍ଟ ୟୁନାନୀ ମେଡ଼ିସିନ୍ ଏବଂ ଆଣବିକ ଔଷଧ ଏବଂ ଆଲଏଡ୍ ସାଇସେନ୍ସ, ଦିଲ୍ଲୀକୁ ସାମିଲ କରାଯାଇଛି।

ଏହି ସହଯୋଗ ମାଧ୍ୟମରେ କେନ୍ଦ୍ର ମଧୁମେହ, ମେଦବହୁଳତା ଏବଂ ଚାପ ସମ୍ବନ୍ଧୀୟ ରୋଗ ଭଳି ଅଣ ସଂକ୍ରମିତ ରୋଗ ନିମନ୍ତେ ଯୋଗ ଆଧାରିତ ହସ୍ତକ୍ଷେପ ଉପରେ ବୈଷୟିକ ନିର୍ଦ୍ଦେଶାବଳୀର ବିକାଶ ଘଟାଇଛି। ଏହା ସହିତ ଏ ସମ୍ପର୍କୀତ ଗବେଷଣାକୁ ଆଗକୁ ଆଗେଇ ନେଉଛି। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ମଧ୍ୟ ଏହି ପ୍ରୟାସମାନଙ୍କରେ ସହଭାଗୀ ହେଉଛନ୍ତି, ଯୋଗର ବିଜ୍ଞାନସମ୍ମତ ଭିତ୍ତିଭୂମିକୁ ଅଧିକ ମଜଭୁତ କରୁଛନ୍ତି ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ନିମନ୍ତେ ଏକ ଆକଳନଯୋଗ୍ୟ, କମ୍ ମୂଲ୍ୟର ସୁଲଭ ତଥା ପ୍ରମାଣ ସମର୍ଥିତ ସାଧନ ଭାବରେ ଏହାର ଅପାର ସମ୍ଭାବନାକୁ ପ୍ରଦର୍ଶନ କରୁଛନ୍ତି।

ଆନୁଷ୍ଠାନିକ ସ୍ତରରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ (ଏମ.ଡି.ଏନ.ଆଇ.ୱାଇ.) ଯୋଗର ବିଜ୍ଞାନସମ୍ମତ ଭିତ୍ତିଭୂମିକୁ ମଜଭୁତ କରିଚାଲିଛି। ଶରୀର ବିଜ୍ଞାନ, ଜୈବ ରସାୟନ ବିଜ୍ଞାନ, ଜୈବ ମେକାନିକ୍ସ ଏବଂ ମନସ୍ତତ୍ତ୍ୱ କ୍ଷେତ୍ରରେ ଗବେଷଣା ପ୍ରୟୋଗଶାଳା ମାଧ୍ୟମରେ ଏହି ପ୍ରତିଷ୍ଠାନ ଯୋଗର ମନୋ-ଶାରୀରିକ ଏବଂ ଜୈବ ରସାୟନିକ ପ୍ରଭାବ, ବାର୍ଦ୍ଧକ୍ୟ ଅବସ୍ଥାରେ ଏହାର ଭୂମିକା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ବ୍ୟାଧି ଉପରେ ଏହାର ପ୍ରଭାବକୁ ଅଧ୍ୟୟନ କରେ। ଏହି କାର୍ଯ୍ୟ ପାରମ୍ପରିକ ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ବୈଧତା ସହିତ ସଂଯୁକ୍ତ କରିବା ନିମନ୍ତେ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ଡିଜିଟାଲ ପ୍ଲାଟଫର୍ମମାନ ଯୋଗର ପ୍ରଚାର ପ୍ରସାର ଜନିତ ବ୍ୟାପ୍ତିକୁ ଅଧିକ ବିସ୍ତାରଣ କରିଛି, ପ୍ରମାଣ ଆଧାରିତ ଅଭ୍ୟାସଗୁଡ଼ିକୁ ସିଧାସଳଖ ଭାବରେ ଲୋକଙ୍କ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଘଟାଇବାରେ ସହାୟକ ହୋଇଛି। ଏମ-ଯୋଗ ମୋବାଇଲ ଏପ୍ଲିକେଶନ ଏବଂ ୱାଇ- ବ୍ରେକ୍ ପ୍ରୋଟୋକଲ ଭଳି ପଦକ୍ଷେପଗୁଡ଼ିକ ପ୍ରଦର୍ଶନ କରେ ଯେ ଯୋଗର ପ୍ରାମାଣିକତା ଏବଂ ଚିକିତ୍ସା ମୂଲ୍ୟ ବଜାୟ ରଖି କିପରି ଉପଯୁକ୍ତ ମାତ୍ରାରେ ଏହା ପ୍ରଦାନ କରାଯାଇ ପାରିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଯୋଗରେ ବିକଶିତ ଏମ-ଯୋଗ ପ୍ଲାଟଫର୍ମ ଏବେ ସୁଦ୍ଧା ୧.୧ ଲକ୍ଷରୁ ଅଧିକ ଡାଉନଲୋଡ଼ ରେକର୍ଡ କରିଛି, ଯାହା ସୁଗମ ଡିଜିଟାଲ ସୁସ୍ଥତା ଉପକରଣ ପ୍ରତି ଲୋକମାନଙ୍କ ବର୍ଦ୍ଧିତ ଆଗ୍ରହକୁ ପ୍ରତିଫଳିତ କରେ। କାର୍ଯ୍ୟସ୍ଥଳରେ ଯୋଗ କାର୍ଯ୍ୟକ୍ରମ ୱାଇ-ବ୍ରେକ୍ କାର୍ଯ୍ୟ ସମୟରେ ଏକ ସରଳ ୫ରୁ ୧୦ ମିନିଟର ଯୋଗ ବିରତି-ପୂର୍ବରୁ ଏହା ୩୩ ଲକ୍ଷରୁ ଅଧିକ ସରକାରୀ ଅଧିକାରୀଙ୍କୁ ଉପକୃତ କରିସାରିଛି।

ଏହିସବୁ ପଦକ୍ଷେପଗୁଡ଼ିକରୁ ଉପଲବ୍ଧ ଗବେଷଣା ଫଳାଫଳ ଏବଂ ନିବେଶ ବିଶ୍ଳେଷଣ ବେଶ୍ ଉତ୍ସାହଜନକ ପରି ପ୍ରତୀୟମାନ ହୁଏ। ନିୟମିତ ଭାବେ ୱାଇ ବ୍ରେକ୍ ଅଭ୍ୟାସ ମାତ୍ର କେଇ ସପ୍ତାହ ମଧ୍ୟରେ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ ଅନୁଭୂତ ଚାପ ହ୍ରାସ କରିଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏହିସବୁ ଅଧ୍ୟୟନଗୁଡ଼ିକ ମାନସିକ ସତର୍କତା, ଭାବପ୍ରବଣ ସ୍ଥିରତା ଏବଂ ନିଷ୍ପତ୍ତି ଗ୍ରହଣ ମାନସିକତା ବୃଦ୍ଧିକୁ ଉନ୍ନତ କରିବା ସହିତ କୋର୍ଟିସୋଲ ସ୍ତର ଭଳି ଶାରୀରିକ ସୂଚକରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ସୂଚାଇଥାଏ।

ଶାରୀରିକ ସୁଫଳ ମଧ୍ୟରେ ବେକ, କାନ୍ଧ ଓ ପିଠିର ନିମ୍ନ ଭାବରେ ଅନୁଭୂତ ଅଶ୍ୱସ୍ତି ହ୍ରାସ କରିବା, ଶ୍ୱାସକ୍ରିୟା ଅଭ୍ୟାସ ମାଧ୍ୟମରେ ଶ୍ୱାସକ୍ରିୟା ଦକ୍ଷତାରେ ଉନ୍ନତି ଘଟାଇବା ତଥା ସାମଗ୍ରିକ ଜୀବନୀଶକ୍ତିରେ ଉନ୍ନତି ଆଣିବା ଏଥିରେ ଅନ୍ତର୍ଭୁକ୍ତ- ଏହାର ଫଳାଫଳ ଆଜିର ଆରାମଦାୟକ, ସ୍କ୍ରିନ୍ ଚାଳିତ କର୍ମକ୍ଷେତ୍ରରେ ବିଶେଷ ଭାବରେ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଏ। ୱାଇ ବ୍ରେକ୍ ଅନୁପସ୍ଥିତିକୁ ହ୍ରାସ କରିବା, କର୍ମଚାରୀମାନଙ୍କ ମନୋବଳ ବୃଦ୍ଧି କରିବା ଏବଂ ସୁସ୍ଥ କାର୍ଯ୍ୟ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷାରେ ମଧ୍ୟ ଏହାର ଅବଦାନ ଯଥେଷ୍ଟ ମାତ୍ରାରେ ରହିଛି, ଯାହା ଯୋଗର ବ୍ୟକ୍ତିଗତ ଏବଂ ସାଂଗଠନିକ କଲ୍ୟାଣକୁ ସୁଦୃଢ କରିବାର ସମ୍ଭାବନାକୁ ରେଖାଙ୍କିତ କରେ।

ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ (ଏମ.ଡି.ଏନ.ଆଇ.ୱାଇ.) ଏବଂ ପ୍ରାକୃତିକ ଚିକିତ୍ସାରେ କେନ୍ଦ୍ରୀୟ ଗବେଷଣା ପରିଷଦ ଦ୍ୱାରା ମିଳିତ ଭାବରେ ଆୟୋଜିତ ପ୍ରାକୃତିକ ଚିକିତ୍ସା ଉପରେ ଜାତୀୟ ସମ୍ମିଳନୀ ୨୦୨୬ ଅବସରରେ ଏହାର ବୈଜ୍ଞାନିକ ବୈଧତାର ଗୁରୁତ୍ୱ ଉପରେ ପ୍ରାଧାନ ଦିଆଯାଇଥିଲା। ବିଶେଷଜ୍ଞମାନେ ଏହା ଉପରେ ରେଖାଙ୍କିତ କରି କହିଥିଲେ ଯେ ଆଧୁନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଯୋଗକୁ ଏକୀକୃତ କରିବା ଏବଂ ଆକଳନଯୋଗ୍ୟ ସ୍ୱାସ୍ଥ୍ୟ ଫଳାଫଳ ସୁନିଶ୍ଚିତ କରିବା ନିମନ୍ତେ ବ୍ୟାପକ ଗବେଷଣା, ଆନ୍ତଃ- ଶାଖାଗତ ସହଯୋଗ ଓ ଦୃଢ଼ ଡିଜିଟାଲ ନିୟୋଜନ ହେବା ଅତ୍ୟନ୍ତ ଜରୁରୀ।

ଏହି ବିକାଶଗୁଡ଼ିକ ଯୋଗର ବିଶ୍ୱ ଅବଧାରଣାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହାକୁ ବର୍ତ୍ତମାନ କେବଳ ଏକ ବ୍ୟକ୍ତିଗତ ସୁସ୍ଥତା ଅଭ୍ୟାସ ଭାବରେ ଦେଖାଯାଉନାହିଁ, ବରଂ ବର୍ଦ୍ଧିତ ଭାବରେ ସାର୍ବଜନୀନ ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ନିରାମୟତା- ଆଧାରିତ ନିଯୁକ୍ତି ସୁଯୋଗ ନମନ୍ତେ ଏକ ଉପକାରୀ ମାର୍ଗ ଭାବରେ ବିବେଚନା କରାଯାଉଛି। ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସହିତ ପରମ୍ପରାକୁ ମିଶ୍ରଣ ଘଟାଇ ଯୋଗ ବିଶ୍ୱ ଯୋଗ ବିପ୍ଳବ ପଛରେ ଏକ ପ୍ରେରଣାଦାୟକ ଶକ୍ତି ରୂପେ ଉଭା ହୋଇଛି ଏବଂ ଅନ୍ତର୍ଜାତୀୟ ସୁସ୍ଥତା କ୍ଷେତ୍ରରେ ଭାରତର ନେତୃତ୍ୱକୁ ମଧ୍ୟ ମଜଭୁତ କରୁଛି।

ଆମେ ଯେତେବେଳେ ମାର୍ଚ୍ଚ ୧୩ ତାରିଖର ନିକଟତର ହେବାକୁ ଯାଉଛୁ, ଯାହା ୨୧ ଜୁନରେ ଆଗାମୀ ଅନ୍ତର୍ଜାତୀୟ ଯୋଗ ଦିବସର ୧୦୦ ଦିନିଆ ଅବଗଣନ (କାଉଣ୍ଟଡାଉନ) ପାଳନ କରୁଛି, ଯୋଗ କିପରି ବିକଶିତ ହେଉଛି ତାହା ଉପରେ ପ୍ରତିଫଳନ କରିବାର ଏହା ଆମକୁ ଏକ ସୁଯୋଗ ପ୍ରଦାନ କରେ। ଏକ ପୁରାତନ ଅଭ୍ୟାସରୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ନିମନ୍ତେ ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ, ପ୍ରମାଣ-ଆଧାରିତ ମାର୍ଗ ଭାବରେ ଉଭା ହୁଏ। ଏହି ଏକ ଶହ ଦିନ ଦୈନିକ ଯୋଗ ଅଭ୍ୟାସ ଆରମ୍ଭ ଏବଂ ନବୀକରଣ କରିବା ନିମନ୍ତେ ଏକ ସହଜ ତଥା କୋମଳ ସ୍ମରଣକାରୀ ଅଭ୍ୟାସ ଭାବରେ କାର୍ଯ୍ୟ କରନ୍ତୁ ଏବଂ ଯୋଗକୁ ଜୀବନର ଏକ ସାଧନ ଭାବରେ ଗ୍ରଣ କରିବାକୁ ନିଜର ପରିବାର, ଆତ୍ମୀୟସ୍ୱଜନ ଏବଂ ଗୋଷ୍ଠୀଙ୍କୁ ପ୍ରେରଣା ଦିଅନ୍ତୁ।

ଯୋଗକୁ ଦୈନନ୍ଦିନ ଜୀବନରେ ସଂଯୋଜିତ କରି, ଆମେ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ମଜଭୁତ କରୁନାହୁଁ, ବରଂ ସାମୂହିକ କଲ୍ୟାଣ, ସଂଗଠନାତ୍ମକ ଦକ୍ଷତା ଏବଂ ସାମାଜିକ ସମନ୍ୱୟକୁ ମଧ୍ୟ ପ୍ରୋତ୍ସାହିତ କରୁ। ଆଜି ଗବେଷଣା, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଭାରତ ପରବର୍ତ୍ତୀ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରୁଛି- ଯୋଗର ଶାଶ୍ୱତ ଜ୍ଞାନକୁ ବିଶ୍ୱ ସ୍ୱାସ୍ଥ୍ୟ, ସନ୍ତୁଳନ ଏବଂ କଲ୍ୟାଣ ନିମନ୍ତେ ଏକ ବୈଜ୍ଞାନିକ ପଦ୍ଧତି ଭାବରେ ବୈଧ ଏବଂ ସାର୍ବଜନୀନ ରୂପରେ ସୁଗମ ପଥରେ ପରିଣତ କରୁଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯଥେଷ୍ଟ ଗ୍ୟାସ୍ ଅଛି...

ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଖାଉଟିମାନେ ଯେପରି ରନ୍ଧନ ଗ୍ୟାସ , ପେଟ୍ରୋଲ, ଡିଜେଲ ଯୋଗାଣ ନେଇ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମଧ୍ୟ ପ୍ରାଚ୍ୟର ସ୍ଥିତିକୁ ନେଇ ରାଜ୍ୟବାସୀ ଆତଙ୍କିତ ନ ହୋଇ ସତର୍କ ଓ ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେବା ସହ ବଜାରରେ ଏଲ୍‌ପିଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି ଏବଂ କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ .ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ରନ୍ଧନଗ୍ୟାସ୍ (ଏଲ.ପି.ଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ଆଶ୍ୟକୀୟ ତଥ୍ୟ ରହିବ। ଏ ନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ। କଟକ ବଡ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ମାର୍କେଟିଂ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ। ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

## ହୋଇପାରିଲାନି ...

୪୦ରେ ଗୃହକୁ ବାଚସ୍ପତି ଶ୍ରୀମତୀ ପାଢୀ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଦ୍ୱିତୀୟବାର ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଶୂନ୍ୟକାଳରେ ମଧ୍ୟ ବିରୋଧୀ କଂଗ୍ରେସର ବିଧାୟକମାନେ ପୂର୍ବ ଭଳି ଗୃହର ମଧ୍ୟଭାଗରେ ନାରାବାଜି ସହ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲା ବେଳେ ବିଜେଡ଼ି ବିଧାୟକମାନେ ନିଜ ନିଜ ଆସନରେ ଠିଆ ହୋଇ ପ୍ରତିବାଦରେ ସାମିଲ୍ ହୋଇଥିଲେ। ବାଚସ୍ପତିଙ୍କ ନିବେଦନ ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ନହେବାରୁ ୧୧ଟା ୩୮ରେ ବାଚସ୍ପତି ୧୨ଟା ୧୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ। ସେହିପରି ଶୂନ୍ୟକାଳରେ ମଧ୍ୟ ଗୃହରେ ଅନୁରୂପ ପରିସ୍ଥିତି ଲାଗି ରହିବା କାରଣରୁ ବିଧାୟକମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିପାରି ନଥିଲେ। ଏହାରି ଭିତରେ ବାଚସ୍ପତି ବାରମ୍ବାର ବିରୋଧୀ ଦଳର ବିଧାୟକମାନଙ୍କୁ ଆଲୋଚନାରେ ଭାଗ ନେବା ପାଇଁ ଓ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ ମଧ୍ୟ ସେମାନେ ତାହା ଶୁଣିନଥିଲେ। ଏହି ସମୟରେ ବାଚସ୍ପତି ଶ୍ରୀମତୀ ପାଢୀ ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ, ରାଜ୍ୟ ସ୍ୱାର୍ଥ ସମ୍ବଳିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏଠାରେ ଆଲୋଚନା ହେବା କଥା। ମାତ୍ର ବିରୋଧି ଦଳ ଏଥିରେ ବାଧା ସୃଷ୍ଟି କରୁଛନ୍ତି, ଗୃହକୁ ଚଳାଇ ଦେଉନାହାଁନ୍ତି। ମଧ୍ୟ ପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଲାଗିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ଭାରତବର୍ଷର ଲୋକମାନଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦେଇ ସେମାନଙ୍କୁ କିପରି ସୁରକ୍ଷିତ ଭାବରେ ଭାରତକୁ ଫେରାଇ ଆଣିବା ଲାଗି ସମସ୍ତ ପଦକ୍ଷେପ ନେଉଥିବା ବେଳେ ଏଠାରେ ବିରୋଧୀ ଦଳର ବିଧାୟକମାନେ ଅଯଥାରେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ ବୋଲି ସେ କହିଥିଲେ। ଅନୁରୂପ ଭାବେ ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ଦର୍ଶାଇଥିଲେ ଯେ, କଂଗ୍ରେସ ଦଳର ବିଧାୟକମାନେ ଗୃହ ମଝିରେ ନାରାବାଜି କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ବେଳେ ବିଜେଡ଼ି ବିଧାୟକମାନେ ଠିଆ ହୋଇ ସେମାନଙ୍କୁ ନୀରବ ସମର୍ଥନ ଜଣାଇବା ଦୁଃଖଦାୟକ। ଏହାକୁ ଆମେ ନିନ୍ଦା କରୁଛୁ। ଗୃହରେ ଏପରି ପରିସ୍ଥିତି ଜାରି ରହିବାରୁ ରାଜ୍ୟବାସୀଙ୍କ ଅଭାବ, ଅସୁବିଧା ଓ ସମସ୍ୟା ବିଷୟରେ ଆଲୋଚନା ହୋଇପାରୁ ନାହିଁ। ରାଜ୍ୟବାସୀଙ୍କ ଅର୍ଥରେ ବିଧାନସଭା ଚାଲୁଥିଲେ ମଧ୍ୟ ବିରୋଧୀ ଦଳ ସେଥିପ୍ରତି ଧ୍ୟାନ ନ ଦେଇ ଅଯଥା ରାଜନୀତି ଉଦ୍ଦେଶ୍ୟରେ ଏପରି କରିବା ସମୀଚିତ ହେଉନାହିଁ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟରେ ପିଇବା ପାଣି ପାଇଁ ଲୋକେ ତହଳବିକଳ ସରକାରଙ୍କ ହରଘର ଜଳଯୋଜନା ବିଫଳ ଅଭିଯୋଗ ସମ୍ପର୍କିତ ବିରୋଧୀ ଦଳର ମୁଲତବୀ ପ୍ରସ୍ତାବ ଆଲୋଚନା ମଧ୍ୟ ନାରାବାଜି ଓ ହଟ୍ଟଗୋଳ ଜନିତ ପରିସ୍ଥିତି କାରଣରୁ ହୋଇପାରିନଥିଲା।

## ଦୁଇ ତୈଳ ...

ବୋଲି ଚେତାବନୀ ଦେବା ପରେ ଇରାନ ପ୍ରଥମ ଥର ପାଇଁ ତୈଳ ଟ୍ୟାଙ୍କରକୁ ସିଧାସଳଖ ଟାର୍ଗେଟ୍ କରିଛି। ଇରାକର ମାର୍ଶଲ ଦ୍ୱୀପପୁଞ୍ଜର ପତାକା ଥିବା ଆମେରିକୀୟ ତୈଳ ଟ୍ୟାଙ୍କର୍ 'ସେଫ୍ସି ବିଷ୍ଣୁ' ଉପରେ ଇରାନର ଏକ ଆତ୍ମଘାତୀ ଡଙ୍ଗା ଆକ୍ରମଣ କରିଥିବା ସୂତ୍ରରୁ ଜଣାପଡ଼ିଛି। ଏହି ଆକ୍ରମଣରେ ନିହତ ହୋଇଥିବା ଭାରତୀୟ ନାଗରିକଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।

## କୃଷି ନୀତି ...

ସମୁଦାୟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ଓ ଅନ୍ୟ ବିଶ୍ୱବିଦ୍ୟାଳୟମାନେ ୬୦ ପ୍ରତିଶତରୁ ଅଧିକ ଛାତ୍ରୀ ଅଛନ୍ତି ଏବଂ ସେମାନେ ଶିକ୍ଷାଗତ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟ ପରିଣାମ ଦେଖାଉଛନ୍ତି। ଏହି ପରିସ୍ଥିତିରେ ସରକାର, ସମାଜ ଓ କୃଷି କ୍ଷେତ୍ର ସହିତ ସଂପୃକ୍ତ ସମସ୍ତ ହିତାଧାରୀଙ୍କ ଦାୟିତ୍ୱ ହେଉଛି ଯେ ଏହି ପ୍ରତିଭାଶାଳୀ ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଓ ସହଯୋଗ ଦିଆଯାଉ, ଯାହାଦ୍ୱାରା ସେମାନେ କୃଷି ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ନେତୃତ୍ୱ ନେଇପାରିବେ।

ରାଷ୍ଟ୍ରପତି କହିଛନ୍ତି ଯେ ମାତୃତ୍ୱରେ ନେତୃତ୍ୱର ଭାବନା ନିହିତ ଥାଏ, କିନ୍ତୁ ପ୍ରାୟତଃ ଏହାକୁ ଘର ମଧ୍ୟରେ ସୀମିତ ଭାବେ ଦେଖାଯାଏ। ଏହି ଧାରଣାକୁ ପରିବର୍ତ୍ତନ କରି ମହିଳାମାନଙ୍କୁ କୃଷି କ୍ଷେତ୍ରରେ ନେତୃତ୍ୱ ଦେବା ପାଇଁ ଆଗକୁ ଆଣିବା ଆବଶ୍ୟକ। ସେ କହିଛନ୍ତି ଯେ ଜାତିସଂଘ ୨୦୨୬ ବର୍ଷକୁ "ଇଣ୍ଟରନ୍ୟାସନାଲ୍ ୟେର ଅଫ୍ ଦ ଓ୍ୱିମେନ୍ ଫାର୍ମର" ଭାବେ ଘୋଷଣା କରିଛି। ଏହାର ଉଦ୍ଦେଶ୍ୟ କୃଷି-ଖାଦ୍ୟ ମୂଲ୍ୟ ଶୃଙ୍ଖଳାରେ ଲିଙ୍ଗ ଭିତ୍ତିକ ଅନ୍ତରକୁ କମାଇବା ଏବଂ ମହିଳାମାନଙ୍କର ନେତୃତ୍ୱ ଭୂମିକାକୁ ବଢ଼ାଇବା।

## ନିୟମିତ ହେଲା...

ପହଞ୍ଚିବା ପୂର୍ବରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢାଖୋଲ, ସମ୍ବଲପୁର ସହର, ଝାରସୁଗୁଡା ଏବଂ ରାଉରକେଲା ଷ୍ଟେସନ ଦେଇ ଯିବ। ଏହିଟ୍ରେନକୁ ଏବେ ନିୟମିତ କରାଯାଇଛି। ସେହିପରି ୦୮୪୩୯/୦୮୪୪୦ ପୁରୀ-ପାଟନା ସ୍ପେଶାଲ୍ ଟ୍ରେନ ପାଟନା ପହଞ୍ଚିବା ପୂର୍ବରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ଷ୍ଟେସନ୍ ଦେଇ ଯିବ । ଏହାକୁ ମଧ୍ୟ ନିୟମିତ କରାଯାଇଛି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ଟ୍ରେନ ସେବା ଅନୁମୋଦନ କରିବା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆଦିବାସୀ ଓ ପଛୁଆ...

ବିଶେଷ ଗୁରୁତ୍ୱ ଦେଇଛନ୍ତି । ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଓ କେନ୍ଦ୍ରୀୟ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏହାର ଲାଭ ପାଇବେ । ଏହାସହିତ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତିର ରାଶି ବୃଦ୍ଧି କରାଯାଇ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହାୟତା ଯୋଗାଯାଉଛି । ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ବର୍ତ୍ତମାନ ୧୭୬୫ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯାହାମଧ୍ୟରୁ ୧୬୧୫ଟି ଆବାସିକ ଓ ୧୫୦ଟି ଅଣଆବାସିକ ବିଦ୍ୟାଳୟ । ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହାସହିତ ରାଜ୍ୟରେ ମୋଟ ୫୯୬୭ଟି ଛାତ୍ରାବାସ ଚାଲୁ ଅଛି ଯେଉଁଠାରେ ପ୍ରାୟ ୫ ଲକ୍ଷ ୫୨ ହଜାର ଛାତ୍ରଛାତ୍ରୀ ରହି ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି । ଡ୍ରପ୍ ଆଉଟ୍ ହାର କମେଇବା ପାଇଁ ସରକାର "ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା" ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ଏହି ଯୋଜନା ପାଇଁ ବଜେଟରେ ୧୫୪ କୋଟି ଟଙ୍କା ବରାଦ କରାଯାଇଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ "ଅନ୍ୱେଷା ଯୋଜନା" ଅଧୀନରେ ୧୭ଟି ଜିଲ୍ଲାର ୧୬୩ଟି ବେସରକାରୀ ବିଦ୍ୟାଳୟରେ ପ୍ରାୟ ୨୦,୪୭୩ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ଯୋଜନା ପାଇଁ ୧୫୮ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ଏହାସହିତ "ଆକାଂକ୍ଷା ଯୋଜନା" ଅଧୀନରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ସୁବିଧା ଦିଆଯାଉଛି । ଆଦିବାସୀ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ "ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ" ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ମାଧ୍ୟମରେ ୧୦ ଲକ୍ଷରୁ ଅଧିକ ଜନଜାତି ପରିବାର ଉପକୃତ ହେବେ। ଏହି ଯୋଜନା ପାଇଁ ୩୨୫ କୋଟିରୁ ଅଧିକ ଟଙ୍କା ବରାଦ କରାଯାଇଛି । ସେହିପରି "ପିଏମ ଜନମନ" କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାରେ ସୁଧାର ଆଣିବାକୁ ଲକ୍ଷ୍ୟ ରହିଛି । ରାଜ୍ୟର ୧୪ଟି ଜିଲ୍ଲାର ୧୭୫୧ଟି ଗ୍ରାମରେ ଏହା କାର୍ଯ୍ୟକାରୀ ହେଉଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆଦିବାସୀ ପରିବାରମାନଙ୍କୁ କୃଷି, ପ୍ରାଣୀସମ୍ପଦ, ମାଛଚାଷ ଓ ଲଘୁ ଉଦ୍ୟୋଗ ମାଧ୍ୟମରେ ଜୀବିକା ବିକାଶ ପାଇଁ ସହାୟତା ଦିଆଯାଉଛି । ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ପାଇଁ ଅନୁସୂଚିତ ଜାତି ସହ ବିବାହକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାର ପ୍ରତି ଦମ୍ପତିକୁ ୨ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏଥିପାଇଁ "ସୁମଙ୍ଗଳ" ନାମକ ଅନଲାଇନ ପୋର୍ଟାଲ ଆରମ୍ଭ କରାଯାଇଛି । ଶିକ୍ଷାର ଗୁଣାତ୍ମକ ଉନ୍ନତି, ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ସୁବିଧା ଓ ଆଦିବାସୀ ଅଞ୍ଚଳର ସମଗ୍ର ବିକାଶକୁ ଲକ୍ଷ୍ୟ କରି ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ରାଜ୍ୟର ଆଦିବାସୀ ଓ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ହେବା ସହିତ ସମାବେଶୀ ଉନ୍ନତିର ଲକ୍ଷ୍ୟ ସାଧନରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀଙ୍କ ସମେତ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ଥର...

ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଛି।

ରାଜ୍ୟର ପ୍ରାୟ ୨୫ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାରଦ ଆହୁରି ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି।

## ହର୍ମୁଜ୍ ପ୍ରଣାଳୀରୁ ...

ତେଲ ପରିବହନ କରିବାରୁ ବାରଣ କରିବାକୁ ଧମକ ଦେଇଛି। ତଥାପି, ଜାହାଜ ନେବା ପୂର୍ବରୁ ଅନୁମତି ନେବାକୁ ସର୍ତ୍ତ ରଖିଛି। ଏହା ଉଲ୍ଲେଖନୀୟ ଯେ ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ଅଶୋଧିତ ତେଲ ଏହା ଦେଇ ଗତି କରେ।

# ପ୍ରଥମ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ମାଧ୍ୟମରେ ସଶକ୍ତ ୬୭୬ ମହିଳା ନେତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ




ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ କୋଣାର୍କଠାରେ ଛ ଦିନିଆ 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ସଫଳତାର ସହିତ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ବୋଧିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମିଶନ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ଓଡ଼ିଶାରେ ଏକ ଶକ୍ତିଶାଳୀ ମହିଳା-ନେତୃତ୍ୱାଧୀନ ରୂପାନ୍ତରଣ ଆନ୍ଦୋଳନରେ ପରିଣତ ହୋଇଛି । ଏହି ସମ୍ମିଳନୀ ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ, ଭାବନାତ୍ମକ ବୁଦ୍ଧିମତା, ଦକ୍ଷତା ବିକାଶ ଏବଂ ଷ୍ଟାର୍ଟ-ଅପ୍ ସୁଯୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି, ଯାହା ଆଗାମୀ ଦିନରେ ଓଡ଼ିଶାକୁ ଏକ ନୂଆ ଦିଗଦର୍ଶନ ଦେବ। ସୂଚନା ଯୋଗ୍ୟ ଯେ, ମିଶନ ଶକ୍ତି ଇତିହାସରେ ପ୍ରଥମ କରି ୩୩୮ଟି ବ୍ଲକ୍ ସ୍ତରୀୟ ମହାସଂଘର ୬୭୬ ଜଣ ସଭାପତି ଓ ସମ୍ପାଦିକା ଏବଂ ସମୁଦାୟ ୬୭୬ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀ ୭ ମାର୍ଚ୍ଚରେ ଶୁଭାରମ୍ଭ ହୋଇଥିଲା। ଏସ୍‌ଏଚ୍‌ଜି ଗୁଡ଼ିକୁ କ୍ଷୁଦ୍ର ବ୍ୟବସାୟରେ ପରିଣତ କରିବା ସହ ସେମାନଙ୍କୁ ଆର୍ଥିକ ଓ ଡିଜିଟାଲ୍ କ୍ଷେତ୍ରରେ ସଶକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ, ବୋଲି ଅଧିକାରୀମାନେ ମତ ରଖିଛନ୍ତି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ଦେବୀଲତା ଶତପଥୀଙ୍କ ପ୍ରଥମ କବିତା ସଂକଳନ 'ଚିଠି' ଉନ୍ମୋଚିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ




ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କବୟିତ୍ରୀ ଦେବୀଲତା ଶତପଥୀଙ୍କ ପ୍ରଥମ କବିତା ସଂକଳନ 'ଚିଠି'ର ଶୁଭ ଉନ୍ମୋଚନ ହୋଇଯାଇଛି। ପଦ୍ମାଲୋକ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ଦାଶରଥୀ ଶତପଥୀ, ବିଶିଷ୍ଟ କବି ରକ୍ଷକ ନାୟକ, ସଂଳାପକାର ବିଜୟ ମଲ୍ଲ, 'ସମାଜ ଓ ସତ୍ୟବାଦୀ'ର ପୂର୍ବତନ ପ୍ରଭାସ ଆଚାର୍ଯ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଏବଂ ବିଶିଷ୍ଟ କବି ଡ. ସୌଭାଗ୍ୟ କୁମାର ମିଶ୍ର ପ୍ରମୁଖ କବିତା ସଂକଳନ 'ଚିଠି'କୁ ଉନ୍ମୋଚନ କରିବା ସହ ବକ୍ତବ୍ୟ ଦେଇଥିଲେ। ଇତ୍ୟବସରରେ ଅଭିଷେକ ସିଂହସାମନ୍ତ ସାହିତ୍ୟିକ ଭିକାରୀ ଧଳ ଏବଂ କବି ଦେବୀଲତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଭୁବନେଶ୍ୱର ଐତିହ୍ୟ ପ୍ରତି ସରକାରଙ୍କ ଦୃଷ୍ଟି ନାହିଁ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ସମୃଦ୍ଧି ଓ ଐତିହ୍ୟପୂର୍ଣ୍ଣ ସହର ଭୁବନେଶ୍ୱର ହେଲେ ମଧ୍ୟ ଏହାର ଉନ୍ନତି ନିମନ୍ତେ ସରକାରଙ୍କର ଦୃଷ୍ଟି ଆଦୌ ପଡୁନାହିଁ ଓ ସମ୍ପୃକ୍ତ ବିଭାଗ ମଧ୍ୟ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ଏହିସବୁ ମଧ୍ୟରେ ରହିଛି କପିଳେଶ୍ୱର ମନ୍ଦିର ତଥା ସୁନ୍ଦରପଦାରେ ସ୍ଥାପିତ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର କାଲୁଆଶୁଣି ମୂର୍ତ୍ତି ସମୂହ। ଏହି ମୂର୍ତ୍ତିଗୁଡ଼ିକ ଭୁବନେଶ୍ୱରର ସର୍ବ ପ୍ରାଚୀନ ବୋଲି ଐତିହାସିକ ମତ ରହିଛି। ଏହିସବୁକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦେଖାଶୁଣା କରିବା ସହ ଏହାର ଉନ୍ନତି ତଥା ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ ନିମନ୍ତେ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସେହିପରି ବିଶ୍ୱପ୍ରସିଦ୍ଧ ଶୈବପୀଠ ଲିଙ୍ଗରାଜ ମନ୍ଦିରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ମନ୍ଦିର ମଧ୍ୟରେ ସ୍ଥାପିତ ଶିବଲିଙ୍ଗଙ୍କୁ ମହମ୍ମଦ ତକି ଖାଁ ଭାଙ୍ଗି ଦେଇଥିଲେ ମଧ୍ୟ ତାହାର ପୁନରୁଦ୍ଧାର କରାଯାଇପାରିନାହିଁ। ସେଠାରେ ଥିବା ଅନ୍ୟ କେତେକ ପ୍ରତିଷ୍ଠିତ ବିଗ୍ରହଗୁଡ଼ିକ ଭାଙ୍ଗିଯାଇଛି। ମାତ୍ର ତାହାର ମରାମତି ବା ପୁନଃ ସ୍ଥାପନ ନିମନ୍ତେ ସରକାରଙ୍କ ଦୃଷ୍ଟିକୁ ଆସୁନାହିଁ। ବିନ୍ଦୁସାଗରର ଉତ୍ତର ଦିଗରେ ଥିବା ଉମା ମାହେଶ୍ୱର ଶିବ ମନ୍ଦିରସ୍ଥ ବାହ୍ୟ ପ୍ରାଚୀରରେ ଏକ ଗୁରୁତ୍ୱପୂର୍ଣ୍ଣ ପାଲିଲିପିର ଶିଳାଲିପି ଥିଲେ ମଧ୍ୟ ତାହା ପଢ଼ା ଯାଇପାରିନାହିଁ। ଏହାର ପାଠୋଦ୍ଧାର ହେଲେ ବହୁ ଐତିହାସିକ ତଥ୍ୟ ମିଳିପାରନ୍ତା। ସେହିଭଳି ପଟିଆ ନିକଟସ୍ଥ ଗାଡ଼କଣର ମହିମା ଗାଦିର ସମ୍ମୁଖସ୍ଥ ପ୍ରସ୍ତର ସ୍ତମ୍ଭରେ ଖୋଦିତ ଏକ ପ୍ରାଚୀନ ଶିଳାଲିପି ରହିଛି। ହୁଏତ ତାହାର ପାଠୋଦ୍ଧାର ହୋଇପାରିନାହିଁ। ଏହିଭଳି ଅନ୍ୟ କେତୋଟି ତାମ୍ର ଫଳକ ଭୁବନେଶ୍ୱରରୁ ମିଳିଛି ଏବଂ ତାହା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ରହିଛି। ଏହିସବୁର ପାଠୋଦ୍ଧାର କରାଗଲେ ବହୁ ଐତିହାସିକ ତଥ୍ୟମାନ ଲୋକ ସମ୍ମୁଖରେ ଉନ୍ମୋଚିତ ହୋଇପାରନ୍ତା। କପିଳେଶ୍ୱର ନିକଟବର୍ତ୍ତୀ ଦୟାନଦୀ କୂଳରେ ଥିବା ଖ୍ରୀ.ପୂ. ୪ର୍ଥ ଶତାବ୍ଦୀର ଐତିହାସିକ ଅରାଗଡ଼ ବୌଦ୍ଧ କୀର୍ତ୍ତି ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ। ଏହାର ନିର୍ମାଣ କାଳ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ଥିବାର ଐତିହାସିକ ମତ ରହିଛି। ରାଜ୍ୟ ସରକାର ଖନନ ତଥା ସଂରକ୍ଷଣ କାର୍ଯ୍ୟ କରୁଥିଲେ ମଧ୍ୟ ତାହା ସର୍ବଭାରତୀୟ ଐତିହାସିକ ମାନଚିତ୍ରରେ ସ୍ଥାନ ପାଇ ପାରିନାହିଁ। ସୁନ୍ଦରପଦାର ଦକ୍ଷିଣ ଦିଗରେ ଥିବା ୭ଟି ପ୍ରାଚୀନ ବୌଦ୍ଧ ପୀଠ ରହିଥିବାର ମାଦଳାପାଞ୍ଜିରେ ବର୍ଣ୍ଣନା ହୋଇଥିବା ବେଳେ ସେଥିରୁ କେତେକ ଭାଙ୍ଗିଯାଇଛି ଓ ସେହି ସ୍ଥାନ ଉପରେ ଅନ୍ୟ ମନ୍ଦିରମାନ ନିର୍ମିତ ହୋଇଗଲାଣି। ସର୍ବୋପରି ଇଂରେଜ ସରକାର ସହିତ ଲଢ଼େଇ କରି ଫାଶୀ ପାଇଥିବା ବଡ଼ଗଡ଼ର ସହିଦ ପଦ୍ମନାଭ ଛୋଟରାୟଙ୍କ ସ୍ମୃତି ଜଡ଼ିତ କୌଣସି ସ୍ଥାନ ଆଉ ସେଠାରେ ଦେଖିବାକୁ ମିଳୁନାହିଁ। ତାଙ୍କର ନିଜ ବିସ୍ତୃତ କିଲ୍ଲା ଉପରେ ରାଜ୍ୟ ସଂଗ୍ରହାଳୟ ନିର୍ମିତ ହୋଇଛି। ଭୁବନେଶ୍ୱର ଗଢ଼ିବା ନିମନ୍ତେ ଯେଉଁ ପ୍ରଥମ ବୈଠକ ବଡ଼ଗଡ଼ର ପତିତପାବନଙ୍କ ମନ୍ଦିରରେ ହୋଇଥିଲା ତାହାର ଉନ୍ନତି ନିମନ୍ତେ ସରକାର କୌଣସି ପଦକ୍ଷେପ ଆଜି ପର୍ଯ୍ୟନ୍ତ ନେଇନାହାନ୍ତି। ଏହିପରି ଦେଖିବାକୁ ଗଲେ ଭୁବନେଶ୍ୱରର ବହୁ କୀର୍ତ୍ତିରାଜି ଯତ୍ନ ଅଭାବରୁ ଭାଙ୍ଗିଗଲାଣି ଓ ସରକାରଙ୍କ ଦୃଷ୍ଟି ସେଥିପ୍ରତି ଆଦୌ ପଡୁନାହିଁ। ଯେଉଁମାନେ ଏହି ବିଭାଗରେ କାମ କରୁଛନ୍ତି ସେମାନେ ଯତ୍ନବାନ ହେଲେ ଏହିସବୁର ଉନ୍ନତି ନିଶ୍ଚିତ ହେବ ବୋଲି ବୟୋଜ୍ୟେଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ମତ ଦେଇଛନ୍ତି।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

# ସୁଦୃଢ଼ ଓ ସୁରକ୍ଷିତ କର୍ମସଂସ୍କୃତିକୁ ସର୍ବାଧିକ ଗୁରୁତ୍ୱ

ଅନୁଗୁଳ, ନ୍ୟୁଜ ବ୍ୟୁରୋ




ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ବେଶ ଉତ୍ସାହର ସହ ପାଳିତ ହୋଇଯାଇଛି। "ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ, କର୍ମଚାରୀଙ୍କୁ ଯୋଡ଼ନ୍ତୁ, ପ୍ରଶିକ୍ଷିତ କରାନ୍ତୁ ଓ ସଶକ୍ତ କରନ୍ତୁ' ଏହାରି ଆଧାରରେ ଚଳିତ ବର୍ଷର ସୁରକ୍ଷା ସପ୍ତାହ ପାଳିତ ହୋଇଥିବା ବେଳେ ଜିନ୍ଦଲ ଷ୍ଟିଲରେ କିପରି ସୁରକ୍ଷିତ କର୍ମକ୍ଷେତ୍ର ଓ କର୍ମ ସଂସ୍କୃତି କିପରି ବଜାୟ ରହିବ ତା' ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା।

ଜିନ୍ଦଲ ନଗରର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଅନୁଗୁଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଜିନ୍ଦଲ ଷ୍ଟିଲର ସୁରକ୍ଷିତ କର୍ମସଂସ୍କୃତିକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଓ ମିଲ୍ସ) ହୃଦୟେଶ୍ୱର ଝା, ଏଭିପି – ମୁଖ୍ୟ ସୁରକ୍ଷା ଏବଂ ଇଏମଡି; ଜିତେନ୍ଦ୍ର ପରିଡା ଏବଂ ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି ପ୍ଲାଣ୍ଟର ସମସ୍ତ ବିଭାଗ ମୁଖ୍ୟ, କର୍ମଚାରୀ ଏବଂ ବ୍ୟାବସାୟିକ ସହଯୋଗୀ ଉତ୍ସାହର ସହିତ ଯୋଗ ଦେଇଥିଲେ।

ଏହି ଅବସରରେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶ ପିକେ ବିଜୁ ନାୟାର କହିଥିଲେ, ଜିନ୍ଦଲ ଷ୍ଟିଲ ପାଖରେ ବିଶ୍ୱସ୍ତରୀୟ ଉପକରଣ ଓ ସମ୍ବଳ ରହିଛି। ତେଣୁ ସମସ୍ତଙ୍କୁ କାର୍ଯ୍ୟ ମାଧ୍ୟମରେ ନିଜର ପ୍ରତିବଦ୍ଧତା ପ୍ରମାଣିତ କରିବାକୁ ପଡ଼ିବ। ସୁରକ୍ଷା କ୍ଷେତ୍ରରେ କୌଣସି ପରିସ୍ଥିତିରେ ସାଲିସ କରାଯିବା ଉଚିତ ନୁହେଁ ଏବଂ ଆମେ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଉଚିତ। ସୁରକ୍ଷା ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପଥପ୍ରାନ୍ତ ନାଟକ, ସୁରକ୍ଷା ରଥ ପରିକ୍ରମା, ସୁରକ୍ଷା ଆଲୋଚନା, ସୁରକ୍ଷା ସଚେତନତା ଷ୍ଟଲ୍ ସ୍ଥାପନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ ବିଜୟୀ କର୍ମଚାରୀ ଓ କର୍ମବୀରମାନଙ୍କୁ ପୁରସ୍କୃତ ପୁରସ୍କୃତ କରାଯାଇଥିଲା

ଭୂମି ପାୱାର ପ୍ଲାଣ୍ଟ (ଏସବିପିପି)ରେ ମଧ୍ୟ ବେଶ ଉତ୍ସାହର ସହ ସୁରକ୍ଷା ସପ୍ତାହ ପାଳନ ପାଳନ କରାଯାଇଥିଲା।

# ସ୍ଥାନୀୟ ନେତାଙ୍କ ଭାଗିଦାରୀରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ




ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହା ଚାଲିଛି ବୋଲି ଅଭିଯୋଗ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲାର ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ର ପ୍ରସାଦ ମହାରଥୀ ଓ ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଚାଲିଥିବା ଅଭିଯୋଗ କରିଥିଲେ।

ରୁଦ୍ର ପ୍ରସାଦ ମହାରଥୀ କହିଥିଲେ, ରାଜ୍ୟରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଖବର ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ବିଜେପି ନେତା ଓ କର୍ମୀଙ୍କ ପ୍ରୋତ୍ସାହନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ସରକାରୀ ଅଧିକାରୀ ମାନଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି । ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଜଣେ ସ୍ଥାନୀୟ ବିଜେପି ନେତାଙ୍କ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ସେ ସାମ୍ବାଦିକ ମାନଙ୍କୁ ବାଲି ଉଠୁଥିବା ସ୍ଥାନକୁ ଆସିଲେ ତାଙ୍କ କ୍ୟାମେରା ଭାଙ୍ଗିଦେବା ସହିତ ପରିଣାମ ଭୟଙ୍କର ହେବ ବୋଲି କହିଛନ୍ତି। ଭିଡିଓ ଭାଇରାଲ ବ୍ୟକ୍ତି ଜଣଙ୍କ ଫଟୋ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସହିତ ରହିଛି । ତେଣୁ ବାଲି ଚୋରି କାରବାରରେ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେଉଛି । ଅପରପକ୍ଷରେ ଏହିପରି ଏକ ବାଲି ଚୋରି ଚାଲିଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ଅଧିକାରୀ ସମୀର କୁମାର ମିଶ୍ର ଓ ପୋଲିସ ଅଧିକାରୀଙ୍କ ସହିତ ମାର୍ଚ୍ଚ ୧୦ ତାରିଖର ବିଳମ୍ବିତ ରାତିରେ ଘଟଣାସ୍ଥଳକୁ ଯାଉଥିବା ସମୟରେ ତାଙ୍କ ଗାଡିକୁ ଅଟକାଯାଇ ଗାଡି ଓ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ଶ୍ରୀ ମିଶ୍ର ପିପିଲି ଥାନାରେ ଏଫଆଇଆର ଦାଖଲ କରିଥିଲେ । ଏଫଆଇଆର ଦାଖଲ ହେବାର ୪୦ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଯେ, ଯେଉଁଠି ସରକାରୀ ଅଧିକାରୀ ସୁରକ୍ଷିତ ନାହାନ୍ତି, ସେଠି ସାଧାରଣ ଲୋକଙ୍କୁ ସରକାର କି ସୁରକ୍ଷା ଦେବେ ବୋଲି ଶ୍ରୀ ମହାରଥୀ ପ୍ରଶ୍ନ କରିଥିଲେ । ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଥିଲେ, ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ସମଗ୍ର ପୁରୀ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ସମ୍ପଦର ଲୁଟ୍ ଚାଲିଛି । ବିଜେପି ନେତାଙ୍କ ସହଭାଗିତାରେ ଏହି ଲୁଟ୍ ଚାଲିଛି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହୁଥିଲେ ମଧ୍ୟ ତାଙ୍କ କଥା କେବଳ କଥାରେ ରହୁଛି। ଛାତ୍ର ବିଜେଡିର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ବାଲି ଚୋରି ହେଉଛି, ନଦୀ ଗୁଡିକର ଦିଗ ପରିବର୍ତ୍ତନ ହେଉଛି, କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଘୋଡା ବେପାରରେ ଲାଗିଛନ୍ତି ସରକାର। ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ବାଲି ଚୋରି କାରଣରୁ ନିରୀହ ସାମ୍ବାଦିକାଙ୍କ ମୃତ୍ୟୁ ହେଲା । ଏହାପରେ ବାଲି ନେଇ ଯାଉଥିବା ଏକ ହାଇୱା ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହେଲା । ସ୍ଥାନୀୟ ବିଜେପି ନେତାଙ୍କ ଭାଗିଦାରୀରେ ଏହି ଲୁଟ୍ ଚାଲିଛି ବୋଲି ଇପ୍ସିତା ସାହୁ କହିଥିଲେ।

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

**ଷ୍ଟେସନ ଏବଂ ସ୍ଥାନ :** (1) ଖୋର୍ଦ୍ଧା ରୋଡ଼-2 ଚକିଆ (ପୂର୍ବ ପ୍ରବେଶ ପାର୍ଶ୍ୱ), (2) ଖଲିକୋଟ-2 ଚକିଆ (ରେଳ ଷ୍ଟେସନ ବାହାରେ), (3) ବୈତରଣୀ ରୋଡ଼-2 ଚକିଆ (ରେଳ ଷ୍ଟେସନ ବାହାରେ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.03.2026, 1500 ଘଣ୍ଟିକା (ସମସ୍ତ କ୍ରମ ସଂ. ପାଇଁ), **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 20.03.2026, 1530 ଘଣ୍ଟିକା (କ୍ରମ ସଂ. 1 ପାଇଁ), 1540 ଘଣ୍ଟିକା (କ୍ରମ ସଂ. 2 ପାଇଁ) ଏବଂ 1550 ଘଣ୍ଟିକା (କ୍ରମ ସଂ. 3 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1214/Q/25-26

# ମୋକିମଙ୍କ ଦଳରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଗଠନ ପୂର୍ବରୁ ଗୁରୁବାର ଦିନ ମହମ୍ମଦ ମୋକିମ୍‌ଙ୍କ ଉପସ୍ଥିତିରେ ବଲାଙ୍ଗୀର ଏବଂ ଭୁବନେଶ୍ୱରରୁ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳରେ ସାମିଲ ହୋଇଛନ୍ତି। ଏନେଇ ବରିଷ୍ଠ ରାଜନେତା ମହମ୍ମଦ ମୋକିମ୍ କହିଛନ୍ତି ଆସନ୍ତା ଏପ୍ରିଲ ୮ ତାରିଖରେ ଭୁବନେଶ୍ୱର ଇଡକୋ ଗ୍ରାଉଣ୍ଡରେ ପାର୍ଟିର ମୂଳଦୁଆ ପଡ଼ିବ। ସେହିଦିନ ହଜାର ହଜାର ଲୋକ ସାମିଲ ହେବେ। ଓଡ଼ିଶାର ସାଧାରଣ ବ୍ୟକ୍ତିଙ୍କୁ ଏହି ଦଳରେ ସ୍ୱିକୃତି ମିଳିବ । ପାର୍ଟି ଗଠନ ପୂର୍ବରୁ ବିଭିନ୍ନ ଜିଲ୍ଲାରେ ସମ୍ପର୍କ ଅଭିଯାନକୁ ଜୋରଦାର କରାଯିବ ।

# ଗିରଫ ହେଲେ ତହସିଲଦାର ପ୍ରସନ୍ନ ସାମନ୍ତରାୟ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କୁ ଗିରଫ କଲା ଭିଜିଲାନ୍ସ ଓ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିବା ପରେ କରାଯିବ କୋର୍ଟ ଚାଲାଣ ଓ ତାଙ୍କ ପାଖରୁ ଚଢଉ ସମୟରେ ୨ଟି ବହୁମହଲା କୋଠା ଏବଂ ୭ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ନଗଦ ୨.୧୭ ଲକ୍ଷ ଟଙ୍କା ଠାବ କରିଛି ଭିଜିଲାନ୍ସ ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୩ମାର୍ଚ୍ଚ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବଡ଼ଦେଉଳ ନୀଳଚକ୍ରରୁ ଛିଡ଼ିଲା ମାନସିକ ଧ୍ୱଜା



ପୁରୀ, ୧୨/୦୩ ନ୍ୟୁଜ ବ୍ୟୁରୋ

ବଡ଼ଦେଉଳ ନୀଳଚକ୍ରରୁ ଛିଡ଼ିଲା ମାନସିକ ଧ୍ୱଜା। ବୁଧବାର ଏପରି ଦୃଶ୍ୟ ଶ୍ରଦ୍ଧାଳୁ ଓ ସେବକଙ୍କୁ ମାନସିକ ଆଘାତ ଦେଇଛି। ଚୁନରା ସେବକମାନେ ନୀଳଚକ୍ରରେ ମାନସିକ ବାନା ବାନ୍ଧୁଥିବା ବେଳେ ଏହି ଘଟଣା ଘଟିଥିଲା । ନୀଳଚକ୍ରରୁ ଅଁଳା ବେଢ଼ା ଯାଏ ପ୍ରତ୍ୟେକ ଦିନ ମାନସିକ ବାନା ବନ୍ଧା ଯାଇଥାଏ । ନୀଳଚକ୍ରରୁ ଅଁଳା ବେଢ଼ା ପର୍ଯ୍ୟନ୍ତ ୧୪ଫୁଟିଆ ସମସ୍ତ ମାନସିକ ବାନାକୁ ତଳକୁ ତଳ ଗୁନ୍ଥି ବାନ୍ଧି ଦିଆଯାଏ । ବାକି ଛୋଟ ବାନାଗୁଡ଼ିକ ବଣ୍ଡଲ କରି ନୀଳଚକ୍ରରେ ବାନ୍ଧି ଦିଆଯାଏ। ଗୁନ୍ଥା ଯାଇଥିବା ଏହି ୧୪ଫୁଟିଆ ମାନସିକ ବାନା ବନ୍ଧା ଯାଉଥିବା ବେଳେ ହଠାତ୍ ମଝିରୁ ଛିଣ୍ଡି ଯାଇଥିଲା। ପରେ ଚୁନରା ସେବାୟତମାନେ ଛିଣ୍ଡି ଯାଇଥିବା ଡୋରକୁ ଯୋଡ଼ି ବାନା ବନ୍ଧା ନୀତି ସମ୍ପନ୍ନ କରିଥିଲେ । ଯାହାକୁ ନେଇ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କଳ୍ପନା ଜଳ୍ପନା ଲାଗି ରହିଛି। ପ୍ରତ୍ୟେକ ଦିନ ବାନା ବନ୍ଧା ଦେଖିବାକୁ ଶ୍ରୀମନ୍ଦିର ଚାରିପାଖରେ ହଜାର ହଜାର ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାଆନ୍ତି । ଏହା ପ୍ରତ୍ୟେକ ଦିନ ଭିଡ଼ର କାରଣ ହୋଇଥାଏ। ଏହି ଅଘଟଣ ପରେ ଶ୍ରଦ୍ଧାଳୁଙ୍କ ଭିତରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନିରେ ଚାରିପାର୍ଶ୍ୱ କମ୍ପି ଉଠିଥିଲା । ଅନେକ ତ୍ରାହି ତ୍ରାହି ମଧ୍ୟ ଡାକିଥିଲେ । ସୂଚନା ଥାଉକି, ଗତ ସପ୍ତାହକ ଭିତରେ ବଡ଼ଦେଉଳ ନୀଳଚକ୍ର ଅକ୍ଷୟ ଦଣ୍ଡ ଉପରେ ଦୁଇ ଥର ଚିଲ ବସିବା ନଜର ଆସିଥିଲା। ଏହି ଘଟଣା ପରେ ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ହୋଇଥିଲା । ଯାହା ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇଛି। ଯୁଦ୍ଧଜନିତ ଦରଦାମ୍ ବୃଦ୍ଧି ଏବେ ଭାରତ ସମେତ ସମଗ୍ର ବିଶ୍ୱବାସୀଙ୍କ ଉଦବେଗର କାରଣ ହୋଇଛି। ଶ୍ରୀମନ୍ଦିର ପୁରୋହିତ ବିଶ୍ୱଜିତ୍ ମହାପାତ୍ର କହିଛନ୍ତି, ବଡ଼ ବିପର୍ଯ୍ୟୟ ଆସିବା ପୂର୍ବରୁ ଆମ ମହାପ୍ରଭୁ କୌଣସି ଜରିଆରେ ଚେତାଇ ଦେଇଥାଆନ୍ତି । ଫୋନି ବାତ୍ୟା, କରୋନା ମହାମାରୀ, ଟାରିଫ୍ ବୃଦ୍ଧି ଭଳି ଘଟଣା ପୂର୍ବରୁ ଏହାର ସଙ୍କେତ ନୀଳଚକ୍ରରୁ ମିଳିଛି । ଧ୍ୱଜା ଛିଣ୍ଡିବା ଘଟଣାକୁ ହାଲୁକାରେ ନିଆଯାଇନପାରେ। ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ମହାପ୍ରଭୁଙ୍କୁ ସମସ୍ତେ ପ୍ରାର୍ଥନା କରିବା। କେବଳ ସେ ହିଁ ସବୁ ବିପଦକୁ ଟାଳି ଦେବାରେ ସକ୍ଷମ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଯୌତୁକ ପ୍ରଥା ବିରୋଧରେ ଏକ ଦୃଢ଼ ସାମାଜିକ ପଦକ୍ଷେପ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨ ।୩
ନ୍ୟୁଜ ବ୍ୟୁରୋ




ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ କଟକ ଏବଂ ସୁନ୍ଦରଗଡ଼ରେ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଗୁରୁବାର ଆୟୋଜିତ ହୋଇଯାଇଛି। କଟକରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ନବଦମ୍ପତିଙ୍କୁ ଆର୍ଶୀବାଦ ପ୍ରଦାନ କରିଛନ୍ତି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତା ପ୍ରଦାନ ଯୋଜନା ନୁହେଁ, ବରଂ ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୋଧରେ ଏହା ଏକ ଦୃଢ଼ ସାମାଜିକ ପଦକ୍ଷେପ। ଏହି ଯୋଜନା ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଥିବା ଯୁବତୀମାନଙ୍କ ପାଇଁ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମାଜିକ ସ୍ୱୀକୃତି ସୁନିଶ୍ଚିତ କରେ। ଏହି ଯୋଜନା ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଏ । କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ୫୫ ଜଣ ଦମ୍ପତି ଜନପ୍ରତିନିଧିଙ୍କ ସହ ଏହି ମାଙ୍ଗଳିକ କାର୍ଯ୍ୟରେ କଟକ ସଦରର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସିଏମସି କମିଶନର କିରନଦୀପ କୌର ସହୋତା ଉପସ୍ଥିତ ଥିଲେ । ଉପ-ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନବଦମ୍ପତିଙ୍କ ସହ ଆଲୋଚନା କରି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସମାନତା ଭିତ୍ତିରେ ପରିବାର ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଶଙ୍କର ସ୍ଥିତ କଲ୍ୟାଣ ମଣ୍ଡପଠାରେ ମଧ୍ୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏକ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ର ଏହି କାର୍ଯ୍ୟକ୍ରମରେ ୬୧ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡକ୍ଟର ଶୁଭଙ୍କର ମହାପାତ୍ର, ଜିଲ୍ଲାପାଳ, ସୁନ୍ଦରଗଡ଼, ତନୟା ମିଶ୍ର, ଅଧ୍ୟକ୍ଷା, ସୁନ୍ଦରଗଡ଼ ପୌରପାଳିକା, ତେଜସ୍ୱିନୀ ବେହେରା, ଉପ-ଜିଲ୍ଲାପାଳ, ସୂରଜ କୁମାର ପଟ୍ଟନାୟକ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କ ବିବାହ ନିମନ୍ତେ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିମଧ୍ୟରୁ ୪୫,୦୦୦ ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି। ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ଉତ୍ସବର ଆୟୋଜନ ଏବଂ ପରିଚାଳନା ପାଇଁ ବ୍ୟୟ କରାଯାଉଛି ।

## ପଦୋନ୍ନତିରେ ବାଧା ହେଲା ଉଚ୍ଚଶିକ୍ଷା !

# ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ସମାଲୋଚନା, ୨୦୧୪ରୁ ମିଳିବ ପ୍ରମୋସନ୍

**କଟକ, ୧୨/୦୩ ନ୍ୟୁଜ ବ୍ୟୁରୋ**

ଗ୍ରୁପ୍ ଡି'ରେ ଚାକିରି କରିଥିଲେ । ଗ୍ରୁପ୍ ସିକୁ ପଦୋନ୍ନତି ପାଇଁ ଆବେଦନ କଲେ। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଲା । କାରଣ ଥିଲା, ଏହି ପଦ ଲାଗି ଯେତିକି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ରହିଛି ତାହାଠାରୁ ତାଙ୍କର ଅଧିକ ଶିକ୍ଷାଗତ ଯୋଗ୍ୟତା ରହିଛି। ଉଚ୍ଚ ଶିକ୍ଷା ତାଙ୍କ ପଦୋନ୍ନତିରେ ବାଧା ସାଜିବାରୁ ସେ ଏନେଇ ସ୍ୟାଟ୍‌ରୁ ସୁପ୍ରିମ୍‌କୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲେ। ସୁପ୍ରିମ୍‌କୋର୍ଟ ଏହି ମାମଲାକୁ ପୁନର୍ବାର ବିଚାର ପାଇଁ ହାଇକୋର୍ଟକୁ ପଠାଇ ଦେଇଥିଲେ। ଆବେଦନକାରୀଙ୍କ ଆଇନଜୀବୀ ଅନୁପସ୍ଥିତ ସତ୍ତ୍ୱେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରିବା ସହ ତାଙ୍କୁ ପଦୋନ୍ନତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚ ଶିକ୍ଷା ଆବେଦନକାରୀଙ୍କ ପଦୋନ୍ନତିରେ ବାଧକ ସୃଷ୍ଟି ହେବା ହାଇକୋର୍ଟଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ହାଇକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ୨୦୧୪ ମସିହାରେ ଡିପିସି ବସିଥିବାରୁ ସେହି ମସିହାରୁ ଆବେଦନକାରୀଙ୍କୁ ପଦୋନ୍ନତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରୁ ତାଙ୍କ ଦରମାର ୫୦% ବକେୟା ଆକାରରେ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାକି ୫୦% ତାଙ୍କ ପଦୋନ୍ନତି ବାବଦକୁ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ଏହି ଆଦେଶର କପି ପାଇବାର ୮ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯିବ । ଅପରପକ୍ଷରେ ଆବେଦନକାରୀ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିବାରୁ ରାଜ୍ୟ ସରକାର ମାମଲା ଖର୍ଚ୍ଚ ବାବଦ ତାଙ୍କୁ ୨୫ ହଜାର ଟଙ୍କା ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ତାଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାରେ ଯଦି ବିଳମ୍ବ କରାଯାଏ ତାହେଲେ ପ୍ରତି ଦିନ ଅଢ଼େଇ ଶହ ଟଙ୍କା ହିସାବରେ ଅତିରିକ୍ତ ଅର୍ଥ ପ୍ରଦାନ କରିବାକୁ ପଡ଼ିବ । ପରେ ଦ୍ୱିତୀୟ ମାସରୁ ଦିନକୁ ୫ଶହ ଟଙ୍କା ପ୍ରଦାନ କରାଯିବ ଓ ଏହି ଅର୍ଥ ଦାୟୀ ଅଧିକାରୀଙ୍କଠାରୁ ଆଦାୟ କରାଯିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ନିରଞ୍ଜନ ପଣ୍ଡାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏବଂ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ୨୦୧୪ ମସିହା ଜାନୁଆରୀ ୧୦ ତାରିଖରେ ବସିଥିବା ଡିପିସି ବୈଠକରେ ଆବେଦନକାରୀଙ୍କୁ ଗ୍ରୁପ୍ ସି' କ୍ୟାଡର ଅର୍ଥାତ ଜୁନିଅର୍ ଆସିଷ୍ଟାଣ୍ଟ ପଦକୁ ପଦୋନ୍ନତି ଦେବାକୁ ମନା କରି ଦିଆଯାଇଥିଲା । କାରଣ ଦର୍ଶାଯାଇଥିଲା ଯେ, ବିଭାଗୀୟ ଅଧିକାରୀଙ୍କ ଅନୁମତି ବିନା ସେ ଉଚ୍ଚଶିକ୍ଷା ଗ୍ରହଣ କରିଛନ୍ତି। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଦାଲତକୁ ଯାଇଥିଲେ । ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ଯଦି ଜଣେ ଛୁଟି ନନେଇ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି ତାହେଲେ ଏହି ଶିକ୍ଷାକୁ ଅଗ୍ରାହ୍ୟ କରାଯାଇ ପାରିବ ନାହିଁ।

# କେବଳ ଆୟ ଆଧାରରେ ଓବିସି କ୍ରିମି ଲେୟାର ସ୍ଥିତି ନିର୍ଣ୍ଣୟ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨/୦୩



ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି ଯେ, ଜଣେ ପ୍ରାର୍ଥୀ ଅନ୍ୟ ପଛୁଆ ବର୍ଗ (ଓବିସି)ର କ୍ରିମି ଲେୟାର କିମ୍ବା ନନ-କ୍ରିମି ଲେୟାରରେ ପଡ଼ନ୍ତି କି ନାହିଁ ତାହା କେବଳ ଆୟ ଆଧାରରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପଦବୀ ଏବଂ ସ୍ଥିତି ପାରାମିଟରର ବର୍ଗକୁ ଉଲ୍ଲେଖ ନକରି କେବଳ ଆୟ ବର୍ଗ ଆଧାରରେ କ୍ରିମି ଲେୟାର ସ୍ଥିତି ନିର୍ଣ୍ଣୟ କରିବା ଆଇନ ଦୃଷ୍ଟିରୁ ସ୍ପଷ୍ଟ ଭାବରେ ଯଥାର୍ଥ ନୁହେଁ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି, ଯଦିଓ ପିତାମାତାମାନେ ଗ୍ରୁପ-୪ ସରକାରୀ ଚାକିରି କରନ୍ତି ଏବଂ ବାର୍ଷିକ ୮ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରନ୍ତି, ସେମାନଙ୍କୁ କ୍ରିମି ଲେୟାରରେ ଗଣନା କରାଯିବ ନାହିଁ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହି ଆୟ ସୀମା ନିର୍ଦ୍ଧାରଣ କରିବାରେ କୃଷି ଆୟକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ନୁହେଁ । ଏହି ନିଷ୍ପତ୍ତିର ଅର୍ଥ ହେଉଛି କେବଳ ତିନି ବର୍ଷ ମଧ୍ୟରେ ବ୍ୟବସାୟ କିମ୍ବା ସମ୍ପତ୍ତି ଭଳି ଅନ୍ୟାନ୍ୟ ଉତ୍ସରୁ ହାରାହାରି ପରିବାର ଆୟ ୮ ଲକ୍ଷ ଟଙ୍କା ସୀମା ପାଇଁ ବିଚାର କରାଯିବ। କୋର୍ଟ ସରକାରୀ କ୍ଷେତ୍ରର ଉପକ୍ରମ ଏବଂ ଘରୋଇ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପିଲାମାନଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି, କାରଣ ସେମାନଙ୍କୁ ଆଉ କେବଳ ସେମାନଙ୍କ ଦରମା ଉପରେ ଆଧାରିତ ସଂରକ୍ଷଣରୁ ବାଦ୍ ଦିଆଯିବ ନାହିଁ। ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ଚାକିରି ଏବଂ ପଦୋନ୍ନତିର ଦ୍ୱାର ଖୋଲିଲା । ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପୂର୍ବବର୍ତ୍ତୀ ଭାବରେ କାର୍ଯ୍ୟକାରୀ ହେବ, ଯାହା ଦ୍ୱାରା ଭୁଲ ପରିଭାଷା ଯୋଗୁଁ ପୂର୍ବରୁ ସଂରକ୍ଷଣରୁ ବାଦ ପଡ଼ିଥିବା ଅନେକଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟ ୨୦୧୨ରୁ ୨୦୧୭ ମଧ୍ୟରେ ହୋଇଥିବା ସିଭିଲ୍ ସେବା ପରୀକ୍ଷା ସହିତ ଜଡ଼ିତ ଆଇନଗତ ଲଢ଼େଇ ଲଢୁଥିବା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ ଆଗାମୀ ଛଅ ମାସ ମଧ୍ୟରେ ଏହି ମାମଲାଗୁଡ଼ିକୁ ପୁନଃ ଯାଞ୍ଚ କରିବାକୁ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମାନ୍ୟତା ପ୍ରଦାନ କରିବାକୁ ଡିଓପିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ପ୍ରକ୍ରିୟା ବିଦ୍ୟମାନ କର୍ମଚାରୀଙ୍କ ବରିଷ୍ଠତାକୁ ପ୍ରଭାବିତ କରିବ, ତେବେ ସରକାରଙ୍କୁ ସେମାନଙ୍କ ପାଇଁ ଅତିରିକ୍ତ ପଦବୀ ସୃଷ୍ଟି କରିବାକୁ ପଡିବ, ଯାହା ସରକାର ପୂର୍ବରୁ ପ୍ରତିଶ୍ରୁତି ମଧ୍ୟ ଦେଇ ସାରିଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଭବିଷ୍ୟତର ସମସ୍ତ ସିଭିଲ୍ ସର୍ଭିସ୍ ପରୀକ୍ଷା ଏବଂ ସରକାରୀ ଚାକିରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବ। ବୈଧ ଓବିସି-ଏନ୍‌ସିଏଲ୍ ପ୍ରମାଣପତ୍ରଗୁଡ଼ିକୁ ଏବେ ଭବିଷ୍ୟତ ପରୀକ୍ଷାରେ ପ୍ରାଥମିକତା ଦିଆଯିବ ଏବଂ କେବଳ ଦରମା ଆଧାରରେ ଆବେଦନ ପ୍ରତ୍ୟାଖ୍ୟାନ ଶେଷ ହୋଇଯିବ। ଏହା ସହିତ, ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର ଲାଭ ଏବେ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ଯେଉଁମାନେ ପୂର୍ବରୁ ବୈଷୟିକ ତ୍ରୁଟିରେ ଫସି ରହିଥିଲେ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସରକାରଙ୍କ ୨୦୦୪ ଚିଠି ସାଧାରଣ ଡିଓପିଟି ପ୍ରକ୍ରିୟା ମାଧ୍ୟମରେ ଜାରି କରାଯାଇ ନଥିଲା ଏବଂ ଏହାର ଫାଇଲଗୁଡ଼ିକର କୌଣସି ରେକର୍ଡ ନଥିଲା, ଯାହା ଏହାର ବୈଧତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲା। ଏହି ବର୍ଗରେ ଉଚ୍ଚ ସାମ୍ବିଧାନିକ ପଦବୀ, ବରିଷ୍ଠ ସରକାରୀ ପଦବୀ, ଉଚ୍ଚପଦସ୍ଥ ଅଧିକାରୀ କିମ୍ବା ଯଥେଷ୍ଟ ସମ୍ପତ୍ତି ଏବଂ ବ୍ୟବସାୟିକ ଆୟ ଥିବା ବ୍ୟକ୍ତିଙ୍କ ସନ୍ତାନମାନେ ମଧ୍ୟ ଅନ୍ତର୍ଭୁକ୍ତ ହେବେ। ଶେଷ ଥର ପାଇଁ ୨୦୧୭ ମସିହାରେ ଏନେଇ ଆୟ ସୀମା ୬ ଲକ୍ଷରୁ ୮ ଲକ୍ଷକୁ ବୃଦ୍ଧି କରାଯାଇଥିଲା।

# ବିରୂପା ବ୍ୟାରେଜରୁ ଦୁଇ ଭାଇଙ୍କ ମୃତଦେହ ଉଦ୍ଧାର




କଟକ, ୧୨/୦୩
ନ୍ୟୁଜ ବ୍ୟୁରୋ

କଟକଜିଲ୍ଲା ଚୌଦ୍ୱାର ବିରୂପା ବ୍ୟାରେଜ୍ ଏକ ନମ୍ବର ଗେଟ ନିକଟରେ ଦୁଇ ଯୁବକଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି । ଯୁବକ ଦୁଇ ଜଣ ଚୌଦ୍ୱାର ମଣ୍ଡାପଡ଼ା ଅଞ୍ଚଳର ଦେବାଶିଷ ସାହୁ ଓ ଶୁଭାଶିଷ ସାହୁ ବୋଲି ସନ୍ଦେହ କରାଯାଉଛି। ଦୁଇ ଭାଇ ଗତ ଦୁଇ ଦିନ ତଳୁ ନିଖୋଜ ଥିଲେ। ତାଙ୍କର ଏକ ମୋଟରସାଇକେଲ ବିରୂପା ବ୍ୟାରେଜ ନିକଟରୁ ଠାବ କରାଯାଇଥିଲା । ଗୁରୁବାର ତାଙ୍କ ମୃତଦେହ ବ୍ୟାରେଜ ନିକଟରେ ଭାସୁଥିବାର ଦେଖି ମତ୍ସ୍ୟଜୀବୀମାନେ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଚୌଦ୍ୱାର ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଦୁଇ ମୃତଦେହକୁ ଉଦ୍ଧାର କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୨/୦୩/୨୦୨୬
୪,୩୭,୩୩୫/- ଟଙ୍କା
ସୁନା:-୦୧ ଗ୍ରାମ୍ ୩୦୦ ମିଲିଗ୍ରାମ୍
ରୂପା:-୧୭ ଗ୍ରାମ୍୦୦୦ ମିଲିଗ୍ରାମ୍

## ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କଲା ନଗର ଉନ୍ନୟନ ବିଭାଗ

# ୨୦୨୬ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଅନୁସରଣ ହେବ ମାର୍ଗଦର୍ଶିକା



**ପୁରୀ, ୧୨/୦୩ ନ୍ୟୁଜ ବ୍ୟୁରୋ**

୨୦୨୬ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ୨୦୨୫ ରଥଯାତ୍ରାରେ ଅନେକ ବିଶୃଙ୍ଖଳା ହୋଇଥିବା ବେଳେ ୨୦୨୬ ରଥଯାତ୍ରାରେ ଯେଭଳି କୌଣସି ବିଶୃଙ୍ଖଳା ନହୁଏ ସେନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପୁରୀ ଗସ୍ତରେ ଆସି ଜିଲ୍ଲା ପ୍ରଶାସନର ଚଳିତ ବର୍ଷର ରଥଯାତ୍ରା ପ୍ରସ୍ତୁତିକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି । ରାସ୍ତାଘାଟ ମରାମତି, ଲୋକଙ୍କ ଶୃଙ୍ଖଳିତ ଯାତାୟାତ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ, ପାର୍କିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମଗ୍ର ପୁରୀ ସହରରେ ସ୍ୱଚ୍ଛତାକୁ ବଜାୟ ରଖାଯିବା, ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ, ପର୍ଯ୍ୟାପ୍ତ ପରିମାଣରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ସହିତ ବର୍ଷା ହେଲେ ଯେଭଳି ଜଳବନ୍ଦୀ ସ୍ଥିତି ନଉପୁଜେ, ସେ ଦିଗରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ସେ ପୁରୀ ପୌରନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ରଥଯାତ୍ରାରେ ବଡ଼ଦାଣ୍ଡରେ ସବୁ ସ୍ଥାନରେ ଭକ୍ତଙ୍କୁ ରନ୍ଧାଖାଦ୍ୟ ବିତରଣ କରାଯିବ ନାହିଁ। ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା ସ୍ଥାନରେ ସ୍ୱେଚ୍ଛାସେବୀ ସଂସ୍ଥାମାନେ ଭକ୍ତଙ୍କୁ ମାଗଣା ରନ୍ଧାଖାଦ୍ୟ ବଣ୍ଟନ କରିପାରିବେ । ବଡ଼ଦାଣ୍ଡରେ ପରିଷ୍କାର ପରିଚ୍ଛନ୍ନତାକୁ ବଜାୟ ରଖିବା ଏବଂ ଖାଦ୍ୟ ଅପଚୟକୁ ରୋକିବା ପାଇଁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିପରି ଚଳିତ ବର୍ଷ ରଥଯାତ୍ରାରେ ଏକହଜାରରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯିବ । ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ସଠିକ୍ ଭାବେ ପରିଚାଳନା ପାଇଁ ଏକ ଏସଓପି ମଧ୍ୟ ଜାରି କରାଯିବ । ସେପଟେ ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି,ରଥଯାତ୍ରାରେ ପୁରୀ ପୌରପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସମସ୍ତ କାର୍ଯ୍ୟ କିଭଳି ସୁରୁଖୁରୁରେ ସମ୍ପାଦନ ହେବ ସେନେଇ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଉଛି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି,'୨୦୨୫ରେ ଘଟିଥିବା ଦଳାଚକଟା ଘଟଣା କାରଣକୁ ସମୀକ୍ଷା କରାଯାଇ ଚଳିତ ବର୍ଷ ନୂଆ ବ୍ୟବସ୍ଥାରେ ଭିଡ଼ ନିୟନ୍ତ୍ରଣ ଏବଂ ଦର୍ଶନ ବ୍ୟବସ୍ଥା କରାଯିବ । ଏକ ମାର୍ଗଦର୍ଶିକା କରାଯାଇ ପ୍ରତ୍ୟେକ କାର୍ଯ୍ୟକୁ କାର୍ଯ୍ୟକାରୀ କରାଯିବ। ବଡ଼ଦାଣ୍ଡ, ବେଳାଭୂମି ସମେତ ପୁରୀ ସହରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ। ଅଧିକ ଅସ୍ଥାୟୀ ଶୌଚାଳୟ ନିର୍ମାଣ ହେବ। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସମସ୍ତ ମୌଳିକ ସୁବିଧା ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବ ।' ଚଳିତବର୍ଷ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ ।

# ଭୁବନେଶ୍ୱର କୋର୍ଟକୁ ବୋମା ଧମକ



**ଭୁବନେଶ୍ୱର, ୧୨ ।୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର କୋର୍ଟକୁ ପୁଣି ବୋମା ଧମକ। ଇ-ମେଲ ଜରିଆରେ କୋର୍ଟକୁ ଉଡାଇ ଦେବାକୁ ଧମକ ମିଳିଥିଲା। କୋର୍ଟ ପରିସରରେ ସନ୍ଧାନୀ କୁକୁର ଓ ବମ୍ ସ୍କ୍ୱାଡ ପହଞ୍ଚି ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛନ୍ତି। ଦମକଳ ବାହିନୀ ମଧ୍ୟ କୋର୍ଟ ପରିସରରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ବରଗଡ ପୁଲିସ ସମେତ କମିଶନରେଟ ପୁଲିସର ବରିଷ୍ଠ ଅଧିକାରୀ ପହଞ୍ଚିଥିଲେ। ପୁଲିସ ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡିଥିଲା। ସୁଚନାଯୋଗ୍ୟ ଯେ, ଗତ କିଛି ମାସ ହେବ ରାଜ୍ୟର ବିଭିନ୍ନ କୋର୍ଟକୁ ଏଭଳି ଇ-ମେଲ୍ ଆସିବାରେ ଲାଗିଛି। ଗତ ୯ ତାରିଖରେ ପୁରୀ କୋର୍ଟକୁ ମଧ୍ୟ ଏଭଳି ଇ-ମେଲ୍ ଯୋଗେ ଧମକ ମିଳିଥିଲା । ତେବେ ଯାଞ୍ଚ ପରେ ତାହା ଗୁଜବ ବୋଲି ଜଣାପଡିଥିଲା। ଗତ ଜାନୁଆରୀ ୮ ତାରିଖରେ ହାଇକୋର୍ଟ ସମେତ ସମ୍ବଲପୁର, ଦେବଗଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା । ଯାହାକୁ ନେଇ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଥିଲା । ପରେ ତାହା ଗୁଜବ ବୋଲି ଜଣାପଡିଥିଲା


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ମାର୍ଚ୍ଚ ପହିଲାରୁ ନିୟନ୍ତ୍ରଣ ବାହାରେ ବନାଗ୍ନି
ଯୁଦ୍ଧ ଯୋଗୁଁ ପାକିସ୍ତାନରେ ତୈଳ ସଙ୍କଟର ପ୍ରଭାବ : ମନ୍ତ୍ରୀଙ୍କୁ ମିଳିବନି ଦରମା
ସପ୍ତାହରେ ୪ ଦିନ ଚାଲିବ ସରକାରୀ କାର୍ଯ୍ୟାଳୟ, ୫୦% କର୍ମଚାରୀ ଘରୁ କାମ କରିବାକୁ ନିର୍ଦ୍ଦେଶ

**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୧୪୮, ୨୫୪୫୬୭୮
Email : utkaldeepika2016@gmail.com

# ଏସ୍‌ସିବିରେ ଦହଗଞ୍ଜ ହେଉଛି କିଡ୍‌ନୀ ରୋଗୀ

## ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବଢୁନି ଭିତ୍ତିଭୂମି

କଟକ, ୧୨/୩
ନ୍ୟୁଜ ବ୍ୟୁରୋ



ରାଜ୍ୟର ଅଧିକାଂଶ କିଡ୍‌ନୀ ଫେଲ୍ୟୁଅର ରୋଗୀ ଏବେ ଏସ୍‌ସିବି ମୁହାଁ । ଡାଏଲିସିସ୍ ହେଉ କିମ୍ବା କିଡ୍‌ନୀ ରୋଗର ଅନ୍ୟ ଉନ୍ନତ ଚିକିତ୍ସା ବା ପ୍ରତିରୋପଣ (ଟ୍ରାନ୍ସପ୍ଲାଣ୍ଟ), ଏସ୍‌ସିବି ଉପରେ ଭାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଉଟ୍‌ଡୋରରେ ଡାକ୍ତରୀ ପରାମର୍ଶ ପାଇଁ ରାତି ଅଧରୁ କିଡ୍‌ନୀ ରୋଗୀ ଟିକେଟ୍ କାଉଣ୍ଟର ପାଖରେ ଧାଡ଼ି ଲଗାଉ ଥିବାବେଳେ ୱାର୍ଡରେ ଚିକିତ୍ସା ପାଇଁ ରୋଗୀ ବାରଣ୍ଡାରେ ପଡୁଛନ୍ତି । ସେହିପରି କିଡ୍‌ନୀ ଫେଲ୍ୟୁଅର ରୋଗୀଙ୍କୁ ଡାଏଲିସିସ୍ ପାଇଁ ୪/୫ଦିନ ଅପେକ୍ଷାରେ ରହିବାକୁ ପଡୁଛି। ଯେଉଁ କିଛି ହାତଗଣତି ରୋଗୀ ଉକ୍ତ ଚିକିତ୍ସା ସୁବିଧା ପାଉଛନ୍ତି, ଡାଏଲିସିସ୍ ପରେ ସେମାନେ ବେଡ୍‌ନପାଇ ଚଟାଣରେ ଶୋଉଛନ୍ତି ।

ରାଜ୍ୟର ସବୁଠୁ ବଡ଼ ସରକାରୀ ହସ୍‌ପିଟାଲ ହୋଇଥିଲେ ହେଁ ଏଠାରେ ଭିତ୍ତିଭୂମିର ସଂକଟ ସହ ଔଷଧର ଅଭାବ ଦେଖାଦେଇଛି। କିଡ୍‌ନୀ ବାୟୋପ୍‌ସି ଭଳି ପରୀକ୍ଷା ନିରୀକ୍ଷାସୁବିଧା ନଥିବାରୁ ରୋଗୀଙ୍କ ଜୀବନ ବାଜି ଲାଗୁଛି । ରେକର୍ଡ ଅନୁସାରେ, ୨୦୨୪ରେ ଏସ୍‌ସିବି ମେଡିକାଲ୍‌ର ନେଫ୍ରୋଲୋଜି ବିଭାଗର ଆଉଟ୍‌ଡୋରକୁ ୪୧ ହଜାର ୨୨୬ ଜଣ କିଡ୍‌ନୀ ରୋଗୀ ଆସିଥିଲେ । ଏଥିରୁ ୮ ହଜାର ୨୫୬ ଜଣ ଆଡମିସନ୍ ହୋଇଥିବା ବେଳେ ୧୪ ହଜାର ୮୬୯ ଜଣ ରୋଗୀ ନିୟମିତବ୍ୟବଧାନରେ ଡାଏଲିସିସ୍ ସେଣ୍ଟରରେ ହେମୋଡାଏଲିସିସ୍ କରାଇଥିଲେ । ସେହିପରି ୨୦୨୫ରେ ଆଉଟ୍‌ଡୋରକୁ ୪୪ ହଜାର ୮୨୯ ରୋଗୀଆସିଥିଲେ । ଏଥିରୁ ୭ ହଜାର ୨୯୪ ରୋଗୀ ଆଡମିସନ୍ ହୋଇଥିବା ବେଳେ ୧୫ ହଜାର ୭୭୯ଜଣଙ୍କର ଡାଏଲିସିସ୍ ହୋଇଥିଲା । ଏହା ବାଦ୍ ୫୦ଜଣ କିଡ୍‌ନୀ ଫେଲ୍ୟୁଅର ରୋଗୀ ନିଜ ଅସୁବିଧା ଯୋଗୁଁ ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ଡାଏଲିସିସ ନକରିଏଠାରୁ ଫ୍ଲୁଇଡ୍ ଓ ଅନ୍ୟାନ୍ୟ ଉପକରଣ ନେଇ ଘରେ ସିଏପିଡି ଡାଏଲିସିସ୍ କରାଉଥିବା ସୂଚନା ମିଳିଛି। ବିଶେଷଜ୍ଞଙ୍କ ମତରେ ବିନା ଡାଏଲିସିସ୍‌ରେ କିଡ୍‌ନୀ ଫେଲ୍ୟୁଅର ରୋଗୀ ବଞ୍ଚିବା ଅସମ୍ଭବ । ରୋଗୀ ସଂଖ୍ୟା ବଢୁଥିବାରୁ ଏସ୍‌ସିବିରେ ବର୍ଷକୁ ବର୍ଷ ଡାଏଲିସିସ୍ ସୁବିଧା ଅଧିକରୁ ଅଧିକ ଦରକାରପଡୁଛି। ମାତ୍ର ବିଭାଗରେ ଭିତ୍ତିଭୂମି ବଢୁନାହିଁ। ଏସ୍‌ସିବିରେ ମାତ୍ର ୧୩ଟି ଡାଏଲିସିସ୍ ମେସିନ୍‌ରହିଛି । ଦିନକୁ ଡାଏଲିସିସ୍ ପାଇଁ ୭୦ ରୋଗୀ ଆସୁଥିଲେ ହେଁ ମାତ୍ର ୪୦ ଜଣ ଚିକିତ୍ସା ସୁବିଧା ପାଉଛନ୍ତି । ୩୦ ଜଣ ପ୍ରତିଦିନ ନିରାଶ ହୋଇ ଫେରୁଛନ୍ତି। ଏପରିସ୍ଥଳେ କିଡ୍‌ନୀ ଫେଲ୍ୟୁଅର ରୋଗୀଙ୍କୁ ଡାଏଲିସିସ୍ ଚିକିତ୍ସା ସୁବିଧା ପାଇବା ପାଇଁ ସଂଘର୍ଷ କରିବାକୁ ପଡୁଛି । ଡାଏଲିସିସ ପାଇଁ ୪/୫ଦିନ ଅପେକ୍ଷା ଏବଂ ଚିକିତ୍ସା ପରେ ପୁଣି ରୋଗୀ ବାରଣ୍ଡା ଓ ଚଟାଣରେ ପଡୁଥିବାରୁ ସଂକ୍ରମଣ ଆଶଙ୍କା ରହୁଛି। ନେଫ୍ରୋଲୋଜି ବିଭାଗରେ ୬୦ଟି ବେଡ୍ ରହିଛି । ରୋଗୀ ଯେଉଁ ହାରରେ ବଢୁଛନ୍ତି ସେଇତୁଳନାରେ ଏଠାରେ ଭିତ୍ତିଭୂମି ନାହିଁ । ପୂର୍ବରୁ ତିନିଜଣ ପ୍ରଫେସର ଥିବା ବେଳେ ଜଣେ ଆସୋସିଏଟ୍ ପ୍ରଫେସର, ୪ ଜଣ ଆସିଷ୍ଟାଣ୍ଟ ପ୍ରଫେସର ନିୟୋଜିତ ଥିଲେ। ମାତ୍ର ଏବେ ଜଣେ ପ୍ରଫେସର ଥିବା ବେଳେ ଆସୋସିଏଟ୍ ପ୍ରଫେସର ପଦବୀ ସମେତ ୨ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲିପଡ଼ିଛି । ସେହିପରି ନର୍ସିଂ ଅଫିସର ଓ ଡାଏଲିସିସ୍ ଟେକ୍ନିସିଆନ୍ ମଧ୍ୟ ଅଭାବ। ଡାଏଲିସିସ ବେଡ୍ ଓ ମେସିନ୍ ସମେତ ବିଶେଷଜ୍ଞ ଅଭାବ ସମସ୍ୟା ଯୋଗୁଁ କିଡ୍‌ନୀ ରୋଗୀଙ୍କ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ପୂର୍ବରୁ ଏସ୍‌ସିବିରେ ଦିନକୁ ୮୦ରୁ ଅଧିକ ରୋଗୀଙ୍କ ଡାଏଲିସିସ୍ ହୋଇପାରୁଥିବା ବେଳେ ଏବେ ତାହାକମି କମି ଦିନକୁ ମାତ୍ର ୪୦ ଜଣଙ୍କ ଚିକିତ୍ସା ହେଉଛି।

ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ଭାବେ ପାଳିତ ହୋଇଆସୁଛି । କିଡ୍‌ନୀ ବା ବୃକକ୍‌କୁ ସୁସ୍ଥ ରଖିବା ପାଇଁ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଏହି ଦିବସ ପାଳିତ ହେଉଛି । ତଥାପି ସଚେତନତାର ଅଭାବ ଯୋଗୁଁ ରାଜ୍ୟରେ କିଡ୍‌ନୀ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ବିଶେଷଜ୍ଞଙ୍କ ମତରେ ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ, ଅନିୟନ୍ତ୍ରିତ ମଧୁମେହ ଓ ଉଚ୍ଚ ରକ୍ତଚାପ କିଡ୍‌ନୀ ଉପରେ କୁପ୍ରଭାବ ପକାଉଛି। ଖାଦ୍ୟରେ ଅତ୍ୟଧିକ କେମିକାଲ୍ ବ୍ୟବହାର ଓ ବାୟୁ ପ୍ରଦୂଷଣ ମଧ୍ୟ କିଡ୍‌ନୀ ପାଇଁ ହାନିକାରକ ସାବ୍ୟସ୍ତ ହେଉଛି ।